**ଅହମଦୀୟା ଖବର**

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.] କୁଶଳ ଓ ମଙ୍ଗଳରେ ଅଛନ୍ତି ।

**(ଅଲହମ୍ଦୋଲିଲ୍ଲାଃ)**

ହୁଜୁର ଅନଓ୍ୱର[ଅ.]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହଜୁର[ଅ.]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍ଦୁସ୍ ଓ୍ୱ ବାରିକ୍‌ଲନା ଫି ଉମ୍‌ରିହି ଓ୍ୱ ଅମ୍‌ରିହି ॥**

اَللّٰھُمَّ اَیِّدۡ اِمَامَنَا بِرُوۡحِ الۡقُدُسِ
وَبَارِکۡ لَنَا فِیۡ عُمُرِہٖ وَاَمۡرِہٖ

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ
وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 1

ସାପ୍ତାହିକ **ବଦର** କାଦିଆନ

**The Weekly BADAR Qadian**

www.akhbarbadrqadian.in

ବାର୍ଷିକ ଦେୟ: ୩୦୦/-

ସଂଖ୍ୟା 2

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ: ଫଜଲ୍ ହକ୍ ଖାନ୍

ଗୁରୁବାର **17** ମାର୍ଚ୍ଚ **2016**  **7** ଜମାଦି ସାନି **1437** ଏ.ଏଚ

**ସମସ୍ତ ଆଦମ ବଂଶଜଙ୍କ ପାଇଁ ହଜରତ ମୁହମ୍ମଦ [ସ.]ଙ୍କ ବ୍ୟତୀତ ଅନ୍ୟ କୌଣସି ରସୁଲ ଓ ସୁଫାରିଶକାରୀ ନାହାନ୍ତି । ତେଣୁ ସେହି ଉଚ୍ଚ ପଦାରବିନ୍ଦ ଓ ଗୌରବଶାଳୀ ନବିଙ୍କ ସହିତ ପ୍ରକୃତ ପ୍ରେମ ପ୍ରତିଷ୍ଠା କରିବା ପାଇଁ ତୁମେମାନେ ଚେଷ୍ଟା କର । ତା'ଙ୍କ ବ୍ୟତୀତ ଅନ୍ୟ କାହାରିକୁ ଶ୍ରେଷ୍ଠତା ଦିଅ ନାହିଁ । ଏହା ଦ୍ୱାରା ତୁମେ ସ୍ୱର୍ଗରେ ମୋକ୍ଷ ପ୍ରାପ୍ତକାରୀମାନଙ୍କ ମଧ୍ୟରେ ପରିଗଣିତ ହେବ ।**

## ହଜରତ ମସିହ ମଉଦ[ଅ.ସ]ଙ୍କ ନୀତି ବାଣୀ

''ଆମେ ସତ୍ୟତା ଦୃଷ୍ଟିରୁ ଦେଖିବାକୁ ଗଲେ କେବଳ ଜଣେ ହିଁ ପ୍ରିୟ ପାତ୍ର,ଯେକି ପ୍ରତ୍ୟେକ ନବୁଓ୍ୱତ(ଅବତାରତ୍ୱ)ର ଧାରାବାହିକ ସ୍ଥିତିରେ ସର୍ବୋଚ୍ଚ ଶ୍ରେଣୀର ଶକ୍ତିଶାଳୀ, ଜୀବନ୍ତ ପ୍ରଭୁଙ୍କ ପ୍ରିୟ, ରସୁଲଙ୍କ ସମ୍ରାଟ, ଅବତାରଙ୍କ ଗୌରବ, ଦିବ୍ୟପୁରୁଷ ହଜରତ ମୁହମ୍ମଦ[ସ.ଅ] ହିଁ ଅଟନ୍ତି । ତାଙ୍କ ଛତ୍ରଛାୟା ତଳେ ମାତ୍ର ଦଶ ଦିନ ମଧ୍ୟରେ ଯେଉଁ ଦିବ୍ୟାଲୋକ ପ୍ରାପ୍ତ ହୋଇଥାଏ,ତାହା ହଜାର ବର୍ଷରେ ମଧ୍ୟ ତାଙ୍କ ପରବର୍ତ୍ତୀ ଅବତାରମାନଙ୍କ ଠାରୁ ମିଳିପାରିନଥାଏ ।''

**(ସିରାଜେ ମୁନିର,ରୁହାନୀ ଖଜାଏନ୍, ଖଣ୍ଡ-୧୨, ପୃଷ୍ଠା-୮୨)**

''ମୋର ଏହା ବିଶ୍ୱାସ ଯେ ହଜାର ବର୍ଷଧରି ଅବତାରମାନେ ଯାହା କରି ପାରିନଥିଲେ, ତାହା ହଜରତ ମୁହମ୍ମଦ[ସ.ଅ] ଏକୁଟିଆ କରି ଦେଖାଇଲେ । ହଜରତ ମୁହମ୍ମଦ[ସ.]ଙ୍କର କର୍ମ ଓ ସଂସ୍କାର ସମସ୍ତ ଅବତାରଙ୍କ କର୍ମ ଅପେକ୍ଷା ଉଚ୍ଚ କୋଟିର ଥିଲା । ଆମ ନବି ଶିରୋମଣି ହଜରତ ମୁହମ୍ମଦ[ସ.]ଙ୍କ ପାଖରେ ଯେଉଁ ସାହାସ ଓ ଶକ୍ତି ଥିଲା, ତାହା ଅନ୍ୟ ନବିମାନଙ୍କ ପାଖରେ ନଥିଲା । ଯଦି କେହି ଭାବୁଥାଏ ଯେ ମୋର ଏପରି ଭାବାର୍ଥ କରିବା ଅନ୍ୟ ନବିମାନଙ୍କ ପ୍ରତି ଅସମ୍ମାନର କାରଣ ହୋଇଛି (ଅଲ୍ଲାଃ କ୍ଷମା କରନ୍ତୁ)ତେବେ ସେ ଅଜ୍ଞାନତାର ବଶବର୍ତ୍ତୀ ହୋଇଥିବ ଓ ମୋ ପ୍ରତି ତାହା ଏକ ଅପବାଦ ସ୍ୱରୂପ । ମୁଁ ଅବତାରମାନଙ୍କୁ ସମ୍ମାନ ଓ ଶ୍ରଦ୍ଧା କରିବା ନିଜ ବିଶ୍ୱାସର ଅଂଶ ବିଶେଷ ବୋଲି ମଣୁଛି । କିନ୍ତୁ ସକଳ ଅବତାରଙ୍କ ଠାରୁ ନବି ଶ୍ରେଷ୍ଠ ହଜରତ ମୁହମ୍ମଦ[ସ.]ଙ୍କ ମହତ ପଣିଆ ମୋ ବିଶ୍ୱାସର ସର୍ବ ଶ୍ରେଷ୍ଠ ଅଂଗ । ଏବଂ ଏହି କଥା ମୋ ଶିରା ପ୍ରଶିରାରେ ପ୍ରବାହିତ ହୋଉଛି । ମୁଁ ଏହା ପ୍ରତ୍ୟାଖ୍ୟାନ କରିଦେବା ମୋ ଅଧୀନରେ ନାହିଁ । ହତଭାଗା ଓ ଚକ୍ଷୁହୀନ ବିରୋଧି ବ୍ୟକ୍ତି ମୋ ସଂବନ୍ଧରେ ଏଣୁ ତେଣୁ ଯାହା କରିପାରେ । ଆମ ନବି ଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ସେହି ମହତ କାର୍ଯ୍ୟ କରି ଦେଖାଇଛନ୍ତି, ଯାହାକୁ ଅନ୍ୟ ନବିମାନେ ଏକାକୀ ବା ମିଳିମିଶି କଦାପି କରିପାରି ନଥାନ୍ତେ । ଏହା କେବଳ ଅଲ୍ଲାଃଙ୍କ କରୁଣା ଯୋଗୁଁ ହିଁ ସମ୍ଭବ ହୋଇଛି । ''

**(ମଲଫୁଜାତ୍ , ଖଣ୍ଡ- ୧, ପୃଷ୍ଠା-୪୨୦.ରବ୍ୱା ପ୍ରକାଶନୀ)**

''ସମଗ୍ର ମାନବ ଜାତି ପାଇଁ ଧରା ପୃଷ୍ଠରେ ପବିତ୍ର କୋରାନ ବ୍ୟତୀତ ଆଉ କୌଣସି ପୁସ୍ତକ ନାହିଁ । ସମସ୍ତ ଆଦମ ବଂଶଜଙ୍କ ପାଇଁ ହଜରତ ମୁହମ୍ମଦ[ସ.]ଙ୍କ ବ୍ୟତୀତ ଅନ୍ୟ କୌଣସି ରସୁଲ ଓ ସୁଫାରିଶକାରୀ ନାହାନ୍ତି । ତେଣୁ ସେହି ଉଚ୍ଚ ପଦାରବିନ୍ଦ ଓ ଗୌରବଶାଳୀ ନବିଙ୍କ ସହିତ ପ୍ରକୃତ ପ୍ରେମ ପ୍ରତିଷ୍ଠା କରିବା ପାଇଁ ତୁମେମାନେ ଚେଷ୍ଟାକର । ତାଙ୍କ ବ୍ୟତୀତ ଅନ୍ୟ କାହାରିକୁ ଶ୍ରେଷ୍ଠତା ଦିଅ ନାହିଁ । ଏହା ଦ୍ୱାରା ତୁମେ ସ୍ୱର୍ଗରେ ମୋକ୍ଷ ପ୍ରାପ୍ତକାରୀଙ୍କ ମଧ୍ୟରେ ପରିଗଣିତ ହେବ ।

ମନେରଖ ! ମୁକ୍ତି ସେପରି ବସ୍ତୁ ନୁହେଁ ଯାହା ମୃତ୍ୟୁ ପରେ ପ୍ରାପ୍ତ ହୋଇଥାଏ । ବରଂ ପ୍ରକୃତ ମୁକ୍ତି ରୂପୀ ଆଲୋକ ଏହି ସଂସାରରେ ହିଁ ପ୍ରଜ୍ୱଳିତ ହୋଇଥାଏ । ମୁକ୍ତି ପ୍ରାପ୍ତକାରୀ କିଏ ? ଯେଉଁ ବ୍ୟକ୍ତି ବିଶ୍ୱାସ କରିଥାଏ ଯେ ଈଶ୍ୱର ସତ୍ୟ ଓ ହଜରତ ମୁହମ୍ମଦ[ସ.ଅ] ଅଲ୍ଲାଃଙ୍କ ସୃଷ୍ଟିର ସମସ୍ତ ମନୁଷ୍ୟ ଓ ଜୀବଜନ୍ତୁଙ୍କ ପାଇଁ ସୁଫାରିଶକାରୀ ହୋଇଛନ୍ତି ତଥା ଆକାଶ ତଳେ ତାଙ୍କ ସମକକ୍ଷ କେହି ରସୁଲ ନାହାଁନ୍ତି । ନତୁବା ପବିତ୍ର କୋରାନର ସମକକ୍ଷ ଆଉ କୌଣସି ପୁସ୍ତକ ଅଛି । ଅନ୍ୟ କାହାରି ପାଇଁ ଅଲ୍ଲାଃ ଚାହିଁ ନଥିଲେ କି ସେ ଅମର ହୋଇଯାଆନ୍ତୁ ,କିନ୍ତୁ ସେହିପରି ଉତମ ମହାପୁରୁଷ ବିଶ୍ୱ ନବି ଚିରକାଳ ପାଇଁ ଅମର ହୋଇ ଯାଇଛନ୍ତି । ''

**(କିସ୍ତି ନୁହ,ରୁହାନୀ ଖଜାଏନ୍, ଖଣ୍ଡ-୧୯ ,ପୃଷ୍ଠା-୧୩-୧୪)**

''ଏହା ଏପରି ଏକ ବିଚିତ୍ର କଥା ଯେ ସଂସାରର ଅନ୍ତ ହେବାକୁ ବସିଛି । ଅଥଚ ଏହି ପୂର୍ଣ୍ଣାଙ୍ଗ ନବି ମହାନତାର କିରଣ ଏପର୍ଯ୍ୟନ୍ତ ଶେଷ ହୋଇ ନାହିଁ । ଯଦି ଅଲ୍ଲାଃଙ୍କ ପବିତ୍ର କୋରାନରେ ବର୍ଣ୍ଣୀତ ହୋଇ ନଥାନ୍ତା, ତେବେ ଆମେ ନିଃସନ୍ଦେହରେ କହି ପାରିଥାନ୍ତେ ଯେ ଏହି ନବି ନିଜ ସ୍ୱଶରୀରରେ ଆକାଶରେ ଏବେବି ଜୀବିତ ଅଛନ୍ତି । ମାତ୍ର ଯାହାଙ୍କ ଅନୁସରଣକାରୀ ଜୀବିତ ହୋଇଥିବେ ଓ ତାଙ୍କ ମାଧ୍ୟମରେ ଜୀବିତ ପ୍ରଭୁ ମଧ୍ୟ ମିଳିପାରିବ । ଆମେ ଦେଖିସାରିଛୁ ଯେ ଅଲ୍ଲାଃତାଲାଙ୍କ ସହିତ ଓ ତା'ଙ୍କ ସହିତ ଧର୍ମ(ମୁହମ୍ମଦ[ସ.]ଙ୍କ ଧର୍ମ) ଓ ତାଙ୍କ ଶ୍ରଦ୍ଧାଳୁମାନଙ୍କ ସହିତ ନିବିଡ଼ ପ୍ରେମ କରିଥାଏ । ମନେରଖନ୍ତୁ ଯେ ନିଃସନ୍ଦେହରେ ସେ ଜୀବିତ ଅଛନ୍ତି ଓ ଆକାଶ ମଧ୍ୟରେ ତାଙ୍କ ସ୍ଥାନ ସର୍ବୋଚ୍ଚରେ । କିନ୍ତୁ ତାଙ୍କ ପରମ ସତା କ୍ଷଣସ୍ଥାୟୀ ପାର୍ଥିବ ଶରୀରକୁ ଧାରଣ କରି ନଥାଏ, ବରଂ ଦିବ୍ୟ ଶକ୍ତି ଧାରଣ କରି ତାହା ଉଜ୍ଜ୍ୱଳ ଦୀପଶିଖା ସଦୃଶ୍ୟ ଆମର ଏକ ଉନ୍ନତ ଶରୀରରେ ଅବସ୍ଥାନ କରିଥାନ୍ତି । ସେ ନିଜ ପ୍ରଭୁଙ୍କ ନିକଟରେ ସଦା ବିରାଜମାନ ।''

**( ହକିକତୁଲ୍ ଓ୍ୱହି,ରୁହାନୀ ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୧୧୮-୧୧୯)**

''ସେ ସର୍ବୋତ୍କୃଷ୍ଟ ଜ୍ୟୋତି,ଯାହା ସମ୍ପୂର୍ଣ୍ଣ ମାନବ ଜାତି ପ୍ରତି ପ୍ରେରଣ କରାଯାଇଥିଲା । ତାହା ଦେବଦୂତଗଣଙ୍କ ମଧ୍ୟରେ ନଥିଲା , ନକ୍ଷତ୍ର ମଧ୍ୟରେ ନଥିଲା , ଚନ୍ଦ୍ରମା ମଧ୍ୟରେ ନଥିଲା , ସୂର୍ଯ୍ୟ ମଧ୍ୟରେ ନଥିଲା, ତାହା ସାଗର ଓ ଝରଣା ମଧ୍ୟରେ ବି ନଥିଲା । ସେ ପଦ୍ମରାଗ ମଣି, ଦୁର୍ଲ୍ଲଭ ରତ୍ନ, ହୀରା,ନୀଳା ଓ ମୋତି ମାଣିକ ମଧ୍ୟରେ ବି ନଥିଲା । ତାହା କୌଣସି ଧରା ପୃଷ୍ଠର ଓ ଆକାଶର ଅଣୁ ପରମାଣୁରେ ନଥିଲା । ଏହା କେବଳ ମନୁଷ୍ୟ ଭିତରେ ଥିଲା ଅର୍ଥାତ୍ ଏକ ସମ୍ପୂର୍ଣ୍ଣ ମଣିଷର ସ□ାରେ ଲୀନ ହୋଇଥିଲା ଓ ଏହି ସମ୍ପୂର୍ଣ୍ଣତା ଥିଲା ସର୍ବୋଚ୍ଚ ଓ ସର୍ବଶ୍ରେଷ୍ଠ । ସେହି ଶ୍ରେଷ୍ଠତମ ମଣିଷ ହେଉଛନ୍ତି ହଜରତ ମୁହମ୍ମଦ[ସ.ଅ] । ତେଣୁ ସେହି ଦିବ୍ୟ ଜ୍ୟୋତି ହଜରତ ମୁହମ୍ମଦ[ସ.]ଙ୍କୁ ସମର୍ପିତ କରାଯାଇଥିଲା । ସେହି ଶ୍ରେଣୀୟ ସମସ୍ତ ସମପ୍ରତିଭାର ଅଧିକାରୀ ଅର୍ଥାତ୍ ଯେଉଁମାନେ ଏପରି ପ୍ରତିଭାରେ ପ୍ରତିଭାନ୍ୱିତ ହୋଇ ଦେଖାଇଥିଲେ । ଏହି ସମ୍ପୂର୍ଣ୍ଣ, ସର୍ବୋଚ୍ଚ ଓ ସର୍ବୋତ୍କୃଷ୍ଟ ମହିମାର ଅଧିକାରୀ ହେବାର ସୌଭାଗ୍ୟ କେବଳ ଆମ ନବି ଶ୍ରେଷ୍ଠ ହଜରତ ମୁହମ୍ମଦ[ସ.]ଙ୍କ ମଧ୍ୟରେ ନିହିତ ଅଛି । ''

**(ଆଇନା କମାଲାତେ ଇସଲାମ୍, ରୁହାନୀ ଖଜାଏନ୍, ଖଣ୍ଡ-୫,ପୃଷ୍ଠା- ୧୬୦-୧୬୧)**

''ରସୁଲୁଲ୍ଲାଃ[ସ.]ଙ୍କ ୧୩ ବର୍ଷୀୟ ମକ୍କା ଜୀବନରେ ଯେଉଁ ଦୁଃଖ ଓ କଷ୍ଟ ଆସିଥିଲା, ତାକୁ କଳନା କରିବା ସମ୍ଭବ ନୁହେଁ । ଆମ ଭିତରେ ହୃଦ୍‌କମ୍ପନ ଜାତ ହୁଏ, ଯଦି ସେହି ଘଟଣାଗୁଡ଼ିକ ମନେ ପଡ଼ିଯାଏ । ସେ ଏପରି ମର୍ଯ୍ୟାଦାବନ୍ତ ପୁରୁଷ ଥିଲେ, ଯେକି ଦୁଃଖର ପାହାଡ଼ ଭିତରେ ରହିଥିଲେ ସୁଦ୍ଧା କଦାପି ବିଚଳିତ ନହୋଇ ନିଜ ସଂକଳ୍ପରେ ଅଟଳ ରହିଥିଲେ । ଲକ୍ଷ୍ୟ ହାସଲ କରିବା ପାଇଁ ବିନା ଦ୍ୱିଧାରେ ଅବିରତ ପରିଶ୍ରମ କରୁଥିଲେ । ସମସ୍ତ ପ୍ରକାରର ବାଧାବିଘ୍ନ ତାଙ୍କୁ କେବେହେଲେ ଲକ୍ଷ୍ୟ ପଥରୁ ବିଚ୍ୟୁତ କରିପାରି ନଥିଲେ । ''

**( ଅଲ୍ ହକମ୍ , ୩୦ ଜୁନ୍ ୧୯୦୧ ,ପୃଷ୍ଠା- ୦୩)**

ପ୍ରି□ର ଓ ପବ୍ଲିସର: ଜମିଲ ଅହମଦ ନାସିର, ଫଜଲେ ଉମର ପ୍ରି□ିଙ୍ଗ ପ୍ରେସ୍,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପରାଇଟର,ତ□ାବଧାରକ ବଦର ବୋର୍ଡ଼ କାଦିଆନ

# ସମ୍ପାଦକୀୟ......



## ହଜରତ ମୁସଲେଃ ମଉଦ୍‌ଅ.ସ.ଙ୍କ ବିଷୟରେ ଭବିଷ୍ୟତବାଣୀ ଏବଂ ଅହମଦୀୟା ମତବାଦ

**(ଅଙ୍ଗୀକୃତ ସଂସ୍କାରକ ଦିବସ ଉପଲକ୍ଷେ)**

କଳି କାଳରେ ଧର୍ମର ଗ୍ଲାନି ଘଟିବ । କଳକୀ ଅବତାର ଆସିବେ । ରାମରାଜ୍ୟ ପ୍ରତିଷ୍ଠା ହେବ । ଅଶାନ୍ତ ଜଗତକୁ ଶାନ୍ତିର ବାର୍ତାବହ ଆସି ଶାନ୍ତି ସ୍ଥାପନା ଦିଗରେ ଉନ୍ନତି ମୂଳକ କାର୍ଯ୍ୟ କରିବେ । ବିଶ୍ୱ ଶାନ୍ତି,ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ । ବସୁଧୈବ କୁଟୁମ୍ବକମର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବ । ଏହି ପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି । ଧର୍ମ ସର୍ବଦା ସଂସ୍କାର, ସେବା ,ତ୍ୟାଗ ,ସହଯୋଗ ସିଷ୍ଟାଚାର ଶିଖାଇଥାଏ । ମନୁଷ୍ୟ ମାତ୍ର ଦୁଇଜାତି । ପୁରୁଷ ଏବଂ ସ୍ତ୍ରୀ । ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ ।

ଆଦିଧର୍ମ ଇସଲାମ ଧର୍ମ । ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ,ସୌହାର୍ଦ୍ଦ୍ୟ, ସହାନୁଭୂତି,ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା,ସମନ୍ୱୟତା,ସଂଯମତା,ସରଳତା ଏବଂ ସତ୍ୟତା । ମହାମହିମ ଅବତାର ହଜରତ ମୁହମ୍ମଦସ.ଅ. କରୁଣାର ପାତ୍ର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ । ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ,ଇସଲାମ ଧର୍ମରେ ଦେଖାଯାଉଥିବା କଳୁଷିତକୁ ଦୂର କରିଥିଲେ । ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ । ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ । ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ,ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା । ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା । ତଥା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା । ହଜରତ ଅହମଦଅ.ସ.ଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ଅନେକ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି । ଯଦ୍ଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣବାର୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ । ତଥା ସେହି ସମୟରେ ବିରୋଧି ଏବଂ କେତେକ ଅଣମୁସଲମାନ ବନ୍ଧୁଙ୍କ ଅନୁରୋଧ କ୍ରମେ ଅର୍ଥାତ ଉକ୍ତ ଲୋକମାନେ ହଜରତ ମସିହ ମଉଦଅ.ସ.ଙ୍କୁ ବାରମ୍ବାର କହିଲେ କି ଯଦି ଆପଣ ପ୍ରକୃତରେ ସତ୍ୟ ଓ ସେହି ସର୍ବ ଶକ୍ତିମାନେ ଅଲ୍ଲାଃଙ୍କ ତରଫରୁ ଆସିଛ ତେବେ ଆମ ପାଇଁ କୌଣସି ନିଦର୍ଶନ ଦେଖାଅ ଯଦ୍ଦ୍ୱାରା ଆମେମାନେ ତୁମର ସତ୍ୟାସତ୍ୟ ଉପରେ ବିଶ୍ୱାସ କରିପାରିବୁ । ସୁତରାଂ ହଜରତ ମସିହ ମଉଦଅ.ସ ବହୁତ ଦୁଆ କଲେ ଏବଂ ଐଶୀ ଆଦେଶ ହେଲା କି ଅନ୍ୟତ୍ର ଯାଇ ଏକାନ୍ତ ତପଜପ କରାଯାଉ । ସୁତରାଂ ଆପଣ ହୁଶିଆରପୁରରେ ଯାଇ ୪୦ ଦିନ ଏକାନ୍ତରେ ଅଲ୍ଲାଃଙ୍କ କଠୋର ଉପାସନା କରିଥିଲେ । ଫଳରେ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଅ.ସ.ଙ୍କୁ ସମ୍ବୋଧିତ କରି କହିଛନ୍ତି;

"ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନ୍ନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି । ହେ ତ୍ରିକାଳଜୟୀ (ତ୍ରିଭୁବନ ବିଜୟୀ) ମହାପୁରୁଷ ! ତୁମେ ଧନ୍ୟ । ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।

ସୁତରାଂ ତୁମକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମକୁ ପ୍ରଦାନ କରାଯିବ । ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ । ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ । ସେ ତୁମର ଅତିଥି- ଏକ ସୁନ୍ଦର ସୁଚ୍ଛଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି । ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ମଧ୍ୟ ଅଟେ । ତାହାକୁ ପୂର୍ଣ୍ଣାତ୍ମା ଦିଆଯାଇଛି । ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି । ସେ ଅଭିନନ୍ଦନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି । ତାଙ୍କରି ଆଗମନ ସହିତ କରୁଣା ନିହିତ । ସେ ଅତ୍ୟନ୍ତ ଗରିମାମୟ, ଅପାର ସମ୍ପଦର ଅଧିକାରୀ । ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ । ସେ ଈଶ୍ୱରଙ୍କ ବାକ୍ୟ; କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି । ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ । ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ । ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେଷିତ ଜନଙ୍କ ସହାୟକ ଓ ତ୍ରାଣକର୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ ।''

ଏହି ଭବିଷ୍ୟ ବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ । ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ୍ ଅହମଦ୍ ଅଟେ । ଯାହାଙ୍କୁ ଅହମଦୀୟା ମୁସଲିମ ସମାଜରେ ମୁସଲେଃ ମଉଦ(ଅଙ୍ଗୀକୃତ ସଂସ୍କାରକ )ବୋଲି କୁହାଯାଏ । ଆପଣ ପ୍ରାଥମିକ ଶିକ୍ଷା ଅର୍ଜନ ଭଲ କରିନଥିବା ସତ୍ୱେ ଆପଣ ଐଶୀଶକ୍ତି ବଳରୁ ସଂସାରିକ ଓ ଆଧାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ ।

୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତା ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଅ.ସ.ଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାର ନିକଟରେ ଛିଡ଼ା ହୋଇ ଶପଥ କରି ଥିଲେ ଯେ, 'ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି ଓ ମୁଁ ଏକାକି ରହିଯାଏ , ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭ୍ରୁକ୍ଷେପ କରିବି ନାହିଁ । ଆପଣ ନିଜର ଏହି ଶପଥକୁ ଅତି ଉତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତାକୁ ଜାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇ ଥିଲେ । ଏହାର ଜ୍ୱଳନ୍ତ ପ୍ରମାଣ ଆପଣଙ୍କ ମହାନ କୀର୍ତିମାନରୁ ସ୍ପଷ୍ଟ ଅନୁମେୟ । ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଂଚିପାରିଛି । ତଥା ବିଶ୍ୱର ୨୦୭ ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ଏହି ଅହମଦୀୟା ମୁସଲିମ ସଂପ୍ରଦାୟର ବର୍ତମାନ ଆଧାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ପଂଚମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ,ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟ୍ରର ରାଷ୍ଟ୍ରପତି,ଶାସକ,ରାଜା,ମହାରାଜା ଏବଂ ବହୁତ ବୁଦ୍ଧିଜୀବିମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି ।

ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱୟତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ସର୍ବେଭବନ୍ତୁ ସୁଖିନଃର ସହର ବସାଇବା । ଏହା ହିଁ ଆମର କାମନା ।

ସହ-ସମ୍ପାଦକ
ମୌ:ଫଜଲ ହକ ଖାନ୍ ଏଚ୍.ଏ
୯୪୩୭୬୪୫୬୬୭

**ଅବଶିଷ୍ଟାଂଶ ୮ ପୃଷ୍ଠାର**

ଦୁଇପଟୁ ସଂକ୍ରମିତ ହୋଇଛନ୍ତି । ସରକାର ତରଫରୁ ଆକ୍ରମଣର ଶିକାର ହେବା ସଙ୍ଗେ ସଙ୍ଗେ ବାହ୍ୟଶତ୍ରୁ ଆକ୍ରମଣର ମଧ୍ୟ ସେମାନେ ଶିକାର ହୋଇଛନ୍ତି । ଏହି ଯୁଦ୍ଧର ବିଭିଷିକାକୁ ଦେଖି ଚିନ୍ତାଶୀଳ ବୁଦ୍ଧିଜୀବୀ ମହଲରେ ତୃତୀୟ ବିଶ୍ୱଯୁଦ୍ଧର ପ୍ରାରମ୍ଭ ହେଲା ବୋଲି ସେମାନେ ଲେଖିଲେଣି । ସିରିଆର ନିର୍ଦ୍ଦୋଷ ଲୋକଙ୍କ ଭୟାବହ ପରିଣତି ସେମାନଙ୍କର ପଡୋଶୀ ଦେଶରେ କୌଣସି ପ୍ରଭାବ ପକାଇ ପାରୁନି । ଏହି ପଡୋଶୀ ଦେଶର ଲୋକମାନେ ଅନ୍ତତଃ ପକ୍ଷେ ସାହାଯ୍ୟ କରିବା ଆଗେଇ ଆସିବାର ଆବଶ୍ୟକତା ଥିଲା । କିନ୍ତୁ ସେମାନେ ମଧ୍ୟ ନୀରବ ହୋଇ ବସିରହିଛନ୍ତି । ମୁଁ କିଛି ବର୍ଷ ପୂର୍ବେ ବାରମ୍ବାର ଏହି କଥାକୁ ଦୋହରାଇ ଥିଲି । ବର୍ତମାନ ଏମାନେ ମଧ୍ୟ ମୋର ସେହି କଥାକୁ କହିବାକୁ ଲାଗିଲେଣି । ନ୍ୟାୟ କରିବା ପାଇଁ କେହି ବି ପ୍ରସ୍ତୁତ ହେଉ ନାହାନ୍ତି । ନା ମହାଶକ୍ତିମାନେ ନା ମୁସଲମାନ ଦେଶର ନେତାଙ୍କୁ ଏଥି ପ୍ରତି କିଛି ମତଲବ ଅଛି । ଉପର ଠାଉରିଆ ଭାବରେ ଜଣା ପଡୁଛି ଯେ ସମସ୍ତେ ମିଳିମିଶି ଏହି ତଥା କଥିତ ଇସଲାମୀ ସଂଗଠନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଅଛନ୍ତି । ଏବଂ ଭାବୁଛନ୍ତି ଯେ ଚରମପନ୍ଥି ସଂଗଠନକୁ ସମାପ୍ତ କରିଦେଲେ ଶାନ୍ତି ବିରାଜମାନ ହେବ କିନ୍ତୁ ଅବସ୍ଥା ଅନ୍ୟ ଆଡକୁ ଇଙ୍ଗିତ କରୁଅଛି ଯେ ମହାଶକ୍ତିମାନଙ୍କ ପରସ୍ପର ମଧ୍ୟରେ ଟଣାଟଣି ଆରମ୍ଭ ହୋଇ ଯାଇଛି । ଏବଂ ଏହାକିଛି ଦୂର କଥା ନୁହେଁ । ପଶ୍ଚିମ ଦେଶର ଶକ୍ତିମାନଙ୍କ ପରସ୍ପର ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯିବ ଏବଂ ଫଳ ସ୍ୱରୂପ ବହୁ ସଂଖ୍ୟାରେ ଲୋକ ମୃତ୍ୟୁ ମୁଖରେ ପଡିବେ । ବିଗତ ଯୁଦ୍ଧମାନଙ୍କରେ ଆମ୍ଭେମାନେ ତାହା ହିଁ ଦେଖିଥିଲୁ । ଜନସାଧାରଣ ମରିବେ । ସାଧାରଣ ନିର୍ଦ୍ଦୋଷ ଲୋକେ ମରିବେ । ଏହାର ନିରାକରଣ ପାଇଁ ବହୁତ ପ୍ରାର୍ଥନାର ଆବଶ୍ୟକତା ଅଛି । ଅଲ୍ଲାଃ ଏହି ସଂସାରକୁ ଧ୍ୱଂସ ମୁଖରୁ ରକ୍ଷାକରନ୍ତୁ । ଏହା ଛଡା ମୁଁ ଆପଣମାନଙ୍କୁ ଆଶୁ ବ୍ୟବସ୍ଥା ସକାଶେ ସଙ୍କେତ ଦେଇଥିଲି । ମୋର ଏହି ଇଙ୍ଗିତକୁ ବୁଝ ଏବଂ ଏହାକୁ କାର୍ଯ୍ୟକାରୀ କର । ମୁଁ ସଂକ୍ଷେପରେ କିଛି ବିଷୟ ପ୍ରତି ଆପଣମାନଙ୍କୁ ଧ୍ୟାନ ଦେବା ଇଙ୍ଗିତ କରି ଦେଇଅଛି । ପୂନର୍ବାର ଆପଣମାନଙ୍କୁ କହିବାକୁ ଚାହେଁ ଯେ ଦୁଆ ଆଡକୁ ମନ ଦିଅ । ଅଲ୍ଲାଃ ମହାଶକ୍ତି ମାନଙ୍କୁ ଏବଂ ଅନ୍ୟାନ୍ୟ ଦେଶମାନଙ୍କୁ ସଦ୍ ବୁଦ୍ଧି ଦିଅନ୍ତୁ ଏବଂ ଧ୍ୱଂସ ଆଡକୁ ନ ନିଅନ୍ତୁ ॥ ଆମିନ୍ ॥

# ଖୁତ୍‌ବା ଜୁମା

**ଅଲ୍ଲାଃତାଲା ଯେତେବେଳେ କାହାରିକୁ (ନିଜ କାର୍ଯ୍ୟ ପାଇଁ) ମନୋନୀତ କରିଥାନ୍ତି, ଅର୍ଥାତ ନବୀ ପ୍ରେରଣ କରିଥାନ୍ତି ସେତେବେଳେ ସେ ତାହାର ସାହାଯ୍ୟ ମଧ୍ୟ କରିଥାନ୍ତି । ଏବଂ ତାହାର ସତ୍ୟତା ପ୍ରତିପାଦନ କରିବା ନିମନ୍ତେ ଯଦି ସଂସାରର ଅଧିକାଂଶ ଲୋକଙ୍କୁ ଦଣ୍ଡ ଦେବାକୁ ପଡେ ତେବେ ସେଥିରୁ ସେ ନିବୃତ ରହିନଥାନ୍ତି ।**

**ଇସଲାମ ଅମକୁ କେତେ ସୁନ୍ଦର ଶିକ୍ଷା ଦେଇଛି କି ପ୍ରତ୍ୟେକ ବ୍ୟକ୍ତି ନିଜର ଅଧିକାର ହାସଲ କରିବା ଓ ଏଥିପାଇଁ ଅନସନ କରିବା ପରିବର୍ତେ ଅନ୍ୟକୁ ଅଧିକାର ପ୍ରଦାନ କରିବାକୁ ଚେଷ୍ଟା କରିବା ଉଚିତ୍ । ଏହା ଏକ ଅଣ ଇସଲାମୀୟ ପ୍ରତିଭା ଅଟେ । ସେଥି ଯୋଗୁଁ ଆମେ ଅନ୍ୟକୁ ତାର ଅଧିକାର ଦେଇ ପାରୁ ନାହେଁ । ଏହା ଅତ୍ୟନ୍ତ ଦୁଃଖ ଦାୟକ ଅଟେ ଏବଂ ଇସଲାମ ଶିକ୍ଷାର ବିପରିତ କାର୍ଯ୍ୟ ଅଟେ ।**

କିନ୍ତୁ ଦୁଃଖର କଥା ଅନେକ ସମୟରେ କଜା (ଜମାତୀୟ ନ୍ୟାୟାଳୟ)ରେ ଏପରି ସମସ୍ୟା ଆସିଥାଏ ଆମ ଜମାତେରେ ବି ଜଣେ ଭାଇ ଅନ୍ୟ ଭାଇ ଜଣକ ଅଧିକାରକୁ ହାତେଇବାକୁ ବସିଥାଏ । ଅଥବା ଅନ୍ୟ ପ୍ରିୟଜନ ଅଧିକାରକୁ ନେଇଯିବାକୁ ବସିଥାଏ । ଯଦି ଆମେ ଏଥିପ୍ରତି ଧ୍ୟାନ ଦେବା ତେବେ ଆମ କଜାର ଅନେକ ସମସ୍ୟା ସମାଧାନ ହୋଇପାରିବ ।

**ସଂସାରିକ କଳହ ନିରର୍ଥକ ଅଟେ । ମୋର କ'ଣ ଓ ତୋର କ'ଣ,ଗୁଲାମର ନିଜର ତ ବୋଲି କିଛି ନଥାଏ । ସେହିପରି ଯେ ନିଜକୁ ଅବଦୁଲ୍ଲାଃ(ଅଲ୍ଲାଃଙ୍କ ଭକ୍ତ) କୁହେ ସେତେବେଳେ ତାହାର ନିଜର ବୋଲି କିଛି ବାକି ନଥାଏ ।**

ଅମକୁ ଆଗ ଅପେକ୍ଷା ଅଧିକ ଧ୍ୟାନ ଦେବା ଉଚିତ୍ ଯେ କିପରି ଆମ୍ଭେ ଅବ୍ଦୁଲ୍ଲାଃ ହେବାର କର୍ତବ୍ୟ ସମ୍ପାଦନ କରିବା । ଏବଂ ନିଜ ଗର୍ବ,ଜିଦଖୋର ମନବୃତିକୁ ତ୍ୟାଗ କରି ଅଲ୍ଲାଃଙ୍କ ପ୍ରଶନ୍ନତା ହାସଲ କରିବାକୁ ଚେଷ୍ଟା କରିବା । ନିର୍ବାଚନ ସମୟରେ ବି ଏପରି ପ୍ରଶ୍ନ ଉଠିଥାଏ । ଅନେକ ସମୟରେ ଭିନ୍ନ ପରିସ୍ଥିତି ଅନୁଯାୟୀ ବହୁମତ ବିଷୟରେ ନିଷ୍ପତି ଦିଆଯାଏ । ତେବେ ଏଭଳି ପ୍ରକାରର ପ୍ରଶ୍ନ ଲୋକମାନେ ଲେଖିଥାନ୍ତି । ଏବର୍ଷ ବି ନିର୍ବାଚନର ବର୍ଷ ଅଟେ । ଜମାଅତମାନଙ୍କରେ କର୍ମକର୍ତା ଓ କର୍ମୀ ନିର୍ବାଚିତ ହେବେ । ତେଣୁ ଏହି ଦୃଷ୍ଟିରୁ ପ୍ରତ୍ୟେକ ନିଜ ଚିନ୍ତାଧାରା ସ୍ୱଚ୍ଛ ରଖିବା ଉଚିତ୍ । ସମ୍ପର୍କ ଓ ବନ୍ଧୁତାକୁ ପଛରେ ରଖି ଦୁଆର ସହ ନିଜ ଭୋଟର ଅଧିକାର ଅର୍ଥାତ୍ ମତ ପ୍ରକାଶ କରିବା ଉଚିତ୍ । ତାପରେ ଯାହା ନିଷ୍ପତି ହେବ ତାହାକୁ ସ୍ୱୀକାର କରିନେବା ଆବଶ୍ୟକ । ପ୍ରତ୍ୟେକ ଆପଣା ସ୍ୱାର୍ଥକୁ ପଛରେ ପକାଇ ଭୋଟ ଦେବା ଉଚିତ୍ ।

**ଉଚ୍ଚ ପଦରେ ପ୍ରତିଷ୍ଠିତ ହେବା ପରେ ନିମ୍ନ କର୍ମୀମାନଙ୍କ ଉପରେ ନିର୍ଭର କରିବା ପରିବର୍ତେ ନିଜେ ସମସ୍ତ କାର୍ଯ୍ୟର ଆୟୋଜନ କରିବା କିମ୍ବା ନିଜ ତତ୍ୱାବଧାନରେ କରାଇବା ଆବଶ୍ୟକ । ତେବେ ଯାଇ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ ହୋଇପାରିବ । ଅନେକ ସମୟରେ ଚାହିଁଥିଲେ ମଧ୍ୟ କେତେକ କାମ ହୋଇ ପାରି ନଥାଏ । କାରଣ ସେହି ଚାହିବାଟା ମନରୁ ହୋଇ ନଥାଏ । ତା'ସହିତ ଯେଉଁ ସବୁ ଆବଶ୍ୟକତା ବର୍ଣ୍ଣନା କରାଯାଇଛି,ତାହା ହୋଇ ନଥାଏ । ସଂକଳ୍ପ ହୋଇ ନଥାଏ,ଧୈର୍ଯ୍ୟ ହୋଇ ନଥାଏ, ପରିଶ୍ରମ ନଥାଏ । କେବଳ ମନ ହିଁ ମନରେ ଭାବୁଛନ୍ତି କି ଆମେ ଚାହୁଁଛୁ ।**

ଯେବେ ନମାଜ ବିଷୟରେ ପ୍ରଶ୍ନ ଉଠୁଛି । ମୁଁ ଏ କଥାକୁ ବିଶେଷ ଭାବେ ଦେଖୁଛି ଯେ,ଅନେକ ଲୋକ ମୋତେ ଦୁଆ ପାଇଁ ନିବେଦନ କରିଥାନ୍ତି କି ଆମେ ନିୟମିତ ନମାଜ ପାଠ କରିବାକୁ ଚାହୁଁଛୁ କିନ୍ତୁ କରିପାରୁ ନାହୁଁ । ଦେଖ ଏମାନେ ଅନ୍ୟାନ୍ୟ କାମ ଯେତେବେଳେ ଇଚ୍ଛା କରନ୍ତି ତାହା ସଙ୍ଗେ ସଙ୍ଗେ କରିନିଅନ୍ତି କିନ୍ତୁ ନମାଜ ପାଠ ପ୍ରତି ପୂର୍ଣ୍ଣ ଆଗ୍ରହ ଓ ଉଦ୍ୟମ ନଥିବା ହେତୁ,ପୁଣି ଏଥି ପାଇଁ ଅଲ୍ଲାଃଙ୍କ ନିକଟରେ ଦୁଆ ନକରିବା ଯୋଗୁଁ ,ଏମାନେ ନମାଜର ଅଭ୍ୟସ୍ତ ହୋଇନଥାନ୍ତି । ପ୍ରକୃତରେ ଏମାନଙ୍କର ଇଚ୍ଛା ଅନ୍ତରରୁ ନଥାଏ ,ମାତ୍ର ମୁହଁରୁ କହୁଥାନ୍ତି କି ଆମର ଇଚ୍ଛା ଅଛି । ଏହା ସମ୍ଭବ ନୁହେଁ ଯେ ଜଣେ କୌଣସି କାର୍ଯ୍ୟ କରିବାକୁ ପୂର୍ଣ ଆଗ୍ରହ ପ୍ରକାଶ କରିଥାଏ ଏବଂ ତାହା ହୋଇ ପାରିନଥାଏ । ଏସବୁ ନିଜର ଅଳସୁଆମି,ଅନିଚ୍ଛାର ଫଳ । ଯାହାକୁ (କାମ କରିବାର)ଇଚ୍ଛାର ନାମ ଦିଆଯାଉଛି । ଏହା ମଧ୍ୟ ଏକ କୌତୁକ କଥା ଯେ ଗୋଟିଏ ସମୟରେ ଆସି ନମାଜ ପଢି ନେଲୁ ଏବଂ କର୍ତବ୍ୟ ପୂରଣ ହୋଇଗଲା । (ଅଥବା ସେହି ଲୋକମାନଙ୍କ ପାଇଁ ମଧ୍ୟ ଯେଉଁମାନେ ଏହା ଭାବୁ ଛନ୍ତି ଯେ ମସଜିଦରେ ଆସି ଗୋଟିଏ ନମାଜ ପଢିନେଲୁ ଏବଂ କର୍ତବ୍ୟ ପୂରଣ ହୋଇଗଲା । ସେତିକି ଯଥେଷ୍ଟ ହୋଇଗଲା ।

**ସର୍ବଦା ମନେରଖିବା ଉଚିତ୍ ଯେ ପ୍ରକୃତ ପୁଣ୍ୟବାନ ସେ ଯେକି ଏକ ସତ୍‌କର୍ମ କରିଥାଏ ତ ପୂର୍ବାପେକ୍ଷା ଅଧିକ ନମ୍ର ଓ କ୍ଷମା ସହ ଅଲ୍ଲାଃଙ୍କ ଠାରୁ ଅଧିକ ସତ୍‌କର୍ମ କରିବାର ଦୁଆ କରିଥାଏ । ଯଦ୍ୱାରା ଏ ସଂପ୍ରଦାୟ ଚାଲୁ ରହିବ । ଏବଂ ତା'ର ଫଳାପଳ ବି ତ ଉତମ ହେବ । ବିଶ୍ୱାସ ଆମ କାର୍ଯ୍ୟକଳାପର ପରିଣାମ ସ୍ୱରୂପ ପ୍ରାପ୍ତ ହୋଇନଥାଏ । ବରଂ ଅଲ୍ଲାଃଙ୍କ ଦୟା ଫଳରେ ମିଳିଥାଏ । ଏହି ମୂଳ ତଥ୍ୟ ସମସ୍ତଙ୍କର ମନେରଖିବା ଉଚିତ୍ । ଆମର ଯେଭଳି ଉତମ କର୍ମ ହେଉ ନା କାହିଁକି ଯେପର୍ଯ୍ୟନ୍ତ ଅଲ୍ଲାଃଙ୍କ ଦୟା ଓ କୃପା ବର୍ଷଣ ହୋଇ ନାହିଁ । ବିଶ୍ୱାସ ତାହାର ପୂର୍ଣତା ପ୍ରାପ୍ତି କରିନଥାଏ । ମୁହଁରେ ମାନ୍ୟକାରୀ ହେବାର ଦାବୀ କରିଦେବାଟା କୌଣସି ବଡ଼ କଥା ନୁହେଁ । ପ୍ରକୃତ କଥା ହେଲା କାର୍ଯ୍ୟକାରୀ ହେବା । ନଚେତ୍ କେବଳ ମୁହଁରେ ମାନ୍ୟକରୀ ବୋଲି ଦାବୀ କରିବା ବାଲା ଅନେକ ସମୟରେ ସବୁ ଠାରୁ ବଡ଼ ଅବିଶ୍ୱାସୀ ହୋଇଥାଏ ।**

ଅହମଦୀୟତର ବିଜୟ ନିଶ୍ଚିତ ତେବେ ଏହା ଆମ ଜୀବନରେ ଆସୁ କିମ୍ବା ଆସନ୍ତା ପିଢୀଙ୍କ ସମୟରେ । କିନ୍ତୁ ଆମ୍ଭକୁ ଏହି ବିଜୟର ଭାଗୀଦାର ହେବା ପାଇଁ ନିଜ ଭିତରେ ଈଶ୍ୱର ଭୟକୁ ସୁଦୃଢ କରିବା ଆବଶ୍ୟକ । ଯଦ୍ୱାରା ଏହା ବଂଶଗତ ସ୍ଥାପିତ ହୋଇ ରହୁ । ଏବଂ ଯଦି ଏହା ଆମ ସମୟରେ ନୁହେଁ ତେବେ ଆମ ପର ବଂଶଧର ଏହାକୁ ଦେଖିବା ଯୋଗ୍ୟ ହେବେ । ସାତଗୋଟି ଉପବାସ ରଖ ଏବଂ ଦୁଆ କର ।

**କିଛି ବର୍ଷ ପୂର୍ବରୁ ମୁଁ ମଧ୍ୟ କହିଥିଲି ଯେ ଜମାତର ଲୋକମାନଙ୍କୁ ରୋଜା ରଖିବା ଉଚିତ୍ । ଆମ୍ଭକୁ ଅଲ୍ଲାଃଙ୍କ ବିଶେଷ ଶରଣାଗତ ସେବା ଆବଶ୍ୟକ । ପାକିସ୍ତାନର ଅହମଦୀମାନେ ଏଥି ପ୍ରତି ଆଗ ଅପେକ୍ଷା ଅଧିକ ଧ୍ୟାନ ଦେବା ଉଚିତ୍ । ନିଷ୍ଠାପର ଭାବରେ ଅଲ୍ଲାଃଙ୍କ ଆଗରେ ଦଣ୍ଡାୟମାନ ହୁଅ । ନୱାଫିଲ ପାଠ କରିବା ସହ ଦାନଦକ୍ଷିଣା ଓ ଉପବାସ କର କାରଣ ଅଲ୍ଲାଃତାଲାଙ୍କ ଦୟା ଆକର୍ଷିତ କରିବା ବ୍ୟତୀତ ଆମ ନିକଟରେ ଅନ୍ୟ କୌଣସି ପନ୍ଥା ନାହିଁ । ଅଲ୍ଲାଃତାଲା ଏପରି ଅତ୍ୟାଚାରୀଙ୍କ କବଳରୁ ପ୍ରତ୍ୟେକ ଅହମଦି ସେ ଯେ କୌଣସି ଦେଶରେ ବସବାସ କରୁଛନ୍ତି, ରକ୍ଷା କରନ୍ତୁ । ଏବଂ ଏପରି ଦୁଆ କରିବାର ଶକ୍ତି ପ୍ରଦାନ କରନ୍ତୁ ଯାହାକି ଅରଶକୁ (ଅଲ୍ଲାଃଙ୍କ ପ୍ରାସାଦ)ଆନ୍ଦୋଳିତ କରିପାରୁଥିବ । ଏବଂ ସମଗ୍ର ସଂସାରର ଅହମଦି ଓ ଜମାଅତକୁ ଅଲ୍ଲାଃ ଉନ୍ନତି ପ୍ରଦାନ କରିବା ସହ ଅତ୍ୟାଚାରରୁ ରକ୍ଷା ପାଇବା ଓ ଦୁଆ କରିବାର ଶକ୍ତି ପ୍ରଦାନ କରନ୍ତୁ ।**

**ଖୁତବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ପଂଚମ[ଅ.ବ] (ପ୍ରଦତ: ୧୨ ଫେବୃଆରୀ ୨୦୧୬ ଅନୁଯାୟୀ ୧୨ ତବଲିଗ ୧୩ ୯୫ ହି.ଶ)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُولُهٗ

أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ

اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔

اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّالِّيْنَ ۔

ହଜରତ ମସିହ ମଉଦ[ଅ.ସ] ଙ୍କର କେତେକ ଶିକ୍ଷା ମୂଳକ କଥା ଓ କାହାଣୀ ହଜରତ ମୁସଲେଃ ମଉଦ[ର.ଜ] ତାଙ୍କ ଖୁତବା ଏବଂ ଅଭିଭାଷଣରେ ବର୍ଣ୍ଣନା କରିଛନ୍ତି ଯାହାକୁ ମୁଁ ଭିନ୍ନ ଭିନ୍ନ ସମୟରେ ଚର୍ଚ୍ଚା କରି ଆସିଛି,ଆଜି ମଧ୍ୟ ସେଥିରୁ କିଛି ବର୍ଣ୍ଣନା କରିବି ।

ହଜରତ ମୁସଲେଃ ମଉଦ[ର.ଆ] ନିଜର ଏକ ଖୁତବାରେ କହିଲେ ଅଲ୍ଲାଃତାଲା ଯେତେବେଳେ କାହାରିକୁ (ନିଜ କାର୍ଯ୍ୟ ପାଇଁ) ମନୋନୀତ କରିଥାନ୍ତି, ଅର୍ଥାତ ନବୀ ପ୍ରେରଣ କରିଥାନ୍ତି ସେତେବେଳେ ସେ ତାହାର ସାହାଯ୍ୟ ମଧ୍ୟ କରିଥାନ୍ତି । ଏବଂ ତାହାର ସତ୍ୟତା ପ୍ରତିପାଦନ କରିବା ନିମନ୍ତେ ଯଦି ସଂସାରର ଅଧିକାଂଶ ଲୋକଙ୍କୁ ଦଣ୍ଡ ଦେବାକୁ ପଡେ ତେବେ ସେଥିରୁ ସେ ନିବୃତ ରହିନଥାନ୍ତି । ଏଥି ସମ୍ବନ୍ଧରେ ହଜରତ ମସିହ ମଉଦ[ଆ.ସ] ଏକ କାହାଣୀ କହିଛନ୍ତି । ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି ପିଲାଦିନେ ଆମକୁ କାହାଣୀ ଶୁଣିବାକୁ ଭାରି ଭଲ ଲାଗେ । ତେଣୁ

ଆମେ ହୁଜୁରଙ୍କୁ କାହାଣୀ ଶୁଣାଇବାକୁ କହୁ । ଆପଣ ଆମକୁ ଏପରି କାହାଣୀ ଶୁଣାନ୍ତି ଯେଉଁଥିରୁ ଆମେ ଅନେକ ଶିକ୍ଷା ହାସଲ କରୁ । ଏକଦା ହୁଜୁର ଆମକୁ ହଜରତ ନୁହ[ଆ.ସ] ଙ୍କ ସମୟର ଏକ କାହାଣୀ ଶୁଣାଇଲେ କି ତାଙ୍କ ସମୟରେ ଲୋକେ ଅନେକ ଅପକର୍ମରେ ଲିପ୍ତ ହୋଇ ଖରାପ ହୋଇ ଯାଇଥିଲେ । ସେମାନେ ଯେଭଳି ଅପକର୍ମରେ ଉନ୍ନତି କରୁଥାନ୍ତି, ଅଲ୍ଲାଃଙ୍କ ଦୃଷ୍ଟିରେ ସେତେ ତଳକୁ ତଳ ଖସୁଥାନ୍ତି । ସେଠାରେ ପାହାଡ ଉପରେ ଥିବା ଏକ ଗଛରେ ଏକ ଚଢେଇ ବସାରେ ତାର ଛୁଆ ବସିଥାଏ । ଚଢେଇଟି କେଉଁଆଡେ ଚାଲିଯାଇଥିଲା । ସମ୍ଭବତଃ ମରିଯିବା ହେତୁ ଫେରି ନଥିଲା । ଚଢେଇ ଛୁଆ ତୃଷ୍ଣାରେ ବିକଳ ହୋଇ ଥଂଟ ଖୋଲୁଥାଏ । ଏହା ଦେଖି ଅଲ୍ଲାଃ ନିଜ ଦେବଦୂତମାନଙ୍କୁ ଆଦେଶ ଦେଲେ କି ଯାଅ ଭୂପୃଷ୍ଠରେ ଏତେ ପରିମାଣରେ ବର୍ଷା କରାଅ କି ପାହାଡର ଶୀର୍ଷରେ ଥିବା ସେହି ଗଛର ଚଢେଇ ବସା ପର୍ଯ୍ୟନ୍ତ ଜଳସ୍ତର ପହଂଚି ଯାଉ,ଯଦ୍ଦ୍ୱାରା ଚଢେଇ ଛୁଆ ପାଣି ପି ନିଜର ତୃଷ୍ଣା ଦୂର କରିପାରିବ । ଦେବଦୂତମାନେ କହିଲେ ପ୍ରଭୁ ଏତେ ବର୍ଷା କଲେ ସମଗ୍ର ସଂସାର ନାଶ ହୋଇଯିବ । ଖୁଦାତାଲା ଉତର ଦେଲେ ସେମାନଙ୍କୁ ମୋର ଖାତିର ନାହିଁ । ବର୍ତମାନ ସମଗ୍ର ସଂସାରବାସୀଙ୍କ ପ୍ରତି ମୋର ଏହି ଚଢେଇ ଛୁଆ ଯେତିକି ମହତ୍ୱ ନାହିଁ । **(ଖୁତ୍‌ବାତେ ମହମୁଦ,ଖଣ୍ଡ-୧୭,ପୃଷ୍ଠା-୬୭୮-୬୭୯)**

ତେଣୁ ଯଦିଓ କି ଏହା ଏକ କାହାଣୀ ଅଟେ କିନ୍ତୁ ଏଥିରେ ଏହି ଶିକ୍ଷା ରହିଛି ଯେ,ସତମାର୍ଗ ଓ ସତ୍ୟତା ଠାରୁ ଦୂରେଇ ଯାଉଥିବା ସଂସାରର ସମସ୍ତ ମଣିଷ ଜାତି ଅଲ୍ଲାଃଙ୍କ ନିକଟରେ ଏକ ଛୋଟ ଚଢେଇ ଛୁଆ ସହ ସମାନ ନୁହନ୍ତି । ତେଣୁ ଆମକୁ ଏହି କାହାଣୀରୁ ଶିକ୍ଷା ନେବା ଉଚିତ ଯେ,ସର୍ବଦା ସତ୍ୟ ଓ ସତ୍‌ମାର୍ଗ ଆପଣାଇବା ଉଚିତ୍ । ନିଜର ନିରିକ୍ଷଣ କରିବା ସହ ହଜରତ ମସିହ ମଉଦ[ଆ.ସ] ଙ୍କୁ ସ୍ୱୀକାର କରିବାର ଉଦ୍ଦେଶ୍ୟ ଅର୍ଥାତ ଧର୍ମକୁ ସଂସାର ଅପେକ୍ଷା ପ୍ରାଧାନ୍ୟ ଦେବାର ପ୍ରତିଶ୍ରୁତି ପୂରଣ କରିବା ଉଚିତ୍ । ମନ୍ଦକର୍ମରୁ ଦୂରେଇ ରହିବା ସହ ପୂଣ୍ୟକର୍ମ କରିବା ଉଚିତ୍ । ଯଦି ଆମେ ଉନ୍ନତି କରିବା ପରିବର୍ତେ ଅବନତି କରୁ ତେବେ ନିଜ ଉଦ୍ଦେଶ୍ୟରୁ ଦୂରେଇ ଯିବା ସହ ଅଲ୍ଲାଃଙ୍କ ଦୃଷ୍ଟିରେ ମଧ୍ୟ ଆମ ପ୍ରତି କୌଣସି ଆଗ୍ରହ ରହିବ ନାହିଁ ।

ସେହି ଭଳି ଏହା କୌଣସି ଲୁଚା ଛପା କଥା ନୁହେଁ ଯେ ଦୁନିଆର ଏବେ କିପରି ଅବସ୍ଥା ହୋଇଚାଲିଛି । ଅନେକ ଦେଶରେ ସାଧାରଣ ଜନତା ଏବଂ ସରକାର ଜଣେ ଅନ୍ୟ ଜଣକୁ ତା' ଅଧିକାରରୁ ବଂଚିତ କରି ଚାଲିଛି ବିଶୃଙ୍ଖଳା ଓ ଅରାଜକତା ବଢି ଚାଲିଛି । ଯେଉଁଠାରେ ଯଦିଓ କି ଏପରି ବିଶୃଙ୍ଖଳା ଓ ଅରାଜକତା ନାହିଁ ସେଠାରେ ପ୍ରଭୁଙ୍କ ସନ୍ତୁଷ୍ଟି ବିପକ୍ଷରେ ନାଁ କେବଳ ଅଲ୍ଲାଃଙ୍କ ଠାରୁ ଦୂରେଇ ଯିବା ବରଂ ତା' ବିରୋଧରେ ଅଶୋଭନୀୟ କଥା କହି ତାକୁ ଅସମ୍ମାନ କରିବାକୁ ଚେଷ୍ଟା କରାଯାଉଛି । ଏପରିକି ଦୁଷ୍କର୍ମରେ ଏପରି ଲିପ୍ତ ହୋଇ ଚାଲିଛନ୍ତି ଯେ ଅପ୍ରାକୃତିକ କର୍ମକୁ ନିୟମ ଅନୁଯାୟୀ ଲାଗୁ କରି ଚାଲିଛନ୍ତି । ବରଂ କୁହାଯାଉଛି ଯେ ଯେକେହି ଏପରି ମନ୍ଦ କର୍ମର ସମର୍ଥନ କରୁନାହିଁ,ସେ ଆଇନ ଅପରାଧୀ । ଏ ଭୂକମ୍ପ,ଝଡବର୍ଷା,ଦଙ୍ଗା ଆଦିରେ ସଂସାର ଧ୍ୱଂସ ହୋଇଚାଲିଛି । ଏହାର କାରଣ ହେଲା ସଂସାରବାସୀ ପାପକର୍ମରେ ସୀମାଲଙ୍ଘନ କରିବା ଯିବା । ଏବଂ ଏହା ମାତ୍ର ଅଲ୍ଲାଃଙ୍କର ସତର୍କବାଣୀ ଅଟେ । ଏ ଦୃଷ୍ଟିରୁ ଆମର ପରମ କର୍ତବ୍ୟ କି,ଆମେ ସଂସାରବାସୀଙ୍କୁ ସଚେତନ କରାଇବା ଉଚିତ୍ ଯେ, ତୁମେମାନେ ନିଜର ସୁଧାର କରିନିଅ ନଚେତ୍ ଅଲ୍ଲାଃଙ୍କର ଏକ ବଡ ଧରଣର ବିନାଶ ଦେଖିବ । ଅଲ୍ଲାଃ ସଂସାରବାସୀଙ୍କୁ ସତ୍‌ବୁଦ୍ଧି ପ୍ରଦାନ କରନ୍ତୁ ।

ପୁଣି ଆଜି କାଲିର କଥା ମଧ୍ୟରୁ ଆଉ ଏକ କଥା ଆମେ ଦେଖିବାକୁ ପାଉଛେ । ଏବଂ ସର୍ବ ପରି ଏହା ମଧ୍ୟ ଯେ ସଂସାରରେ ଲୋକମାନେ ନିଜର ଅଧିକାର ପାଇଁ ଲଢିଥାନ୍ତି କିନ୍ତୁ ଏଥିରେ ଅନ୍ୟର କ୍ଷତି ଘଟୁଥିବାର ସେମାନଙ୍କର ନଜର ନଥାଏ । ଜଣେ ପ୍ରକୃତ ମୁସଲମାନର ଏ ବିଷୟରେ କ'ଣ ଚିନ୍ତା ହେବା ଉଚିତ୍ ? ସେ ବିଷୟରେ ଏ ଘଟଣା ବହୁତ ଉ□ମ ମାର୍ଗ ଦର୍ଶକ ହେବ ।

ହଜରତ ମସିହ ମଉଦ[ଅ.ସ]ଙ୍କ ଠାରୁ ଶୁଣି ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି; ଜଣେ ସାହାବୀ ନିଜ ଘୋଡ଼ାଟିକୁ ଅନ୍ୟ ଏକ ସାହାବୀଙ୍କ ପାଖରେ ବିକି ଦେବା ପାଇଁ ଆଣିଲା । ଏବଂ ତା'ର ମୂଲ୍ୟ ଉଦାହରଣ ସ୍ୱରୂପ ଦୁଇ ଶହ ଟଙ୍କା କହିଲା । ଅନ୍ୟ ସାହାବୀ ଜଣକ କହିଲେ ; ମୁଁ ଏ ମୂଲ୍ୟରେ ଘୋଡ଼ାଟିକୁ କିଣିବି ନାହିଁ । କାରଣ ଏହାର ମୂଲ୍ୟ ତ ଦୁଇ ଗୁଣା ହେବ । ଜଣା ପଡୁଛି କି ସେ ଅନ୍ୟ ଜଣକୁ କହିଲେ ; ଜଣା ପଡ଼ିଛି ଆପଣଙ୍କୁ ଘୋଡ଼ାର ମୂଲ୍ୟ ବିଷୟରେ ବିଶେଷ ଜଣା ନାହିଁ । କିନ୍ତୁ ମାଲିକ ଅଧିକ ମୂଲ୍ୟ ନେବାକୁ ମନା କରିଦେଲେ । ଏବଂ କହିଲେ କି ଯେବେ ମୋ ଘୋଡ଼ା ଅଧିକ ଦାମର ନୁହେଁ ତେବେ ମୁଁ ଅଧିକ ଦାମ ନେବି କାହିଁକି ? ଏପରି ତାଙ୍କ ମଧ୍ୟରେ ଭିଡ଼ା ଟଣା ଚାଲିଥିଲା ଯେ ପରେ ତୃତୀୟ କେହି ଜଣେ ଆସି ନିଷ୍ପତି କଲେ । ଏହା ସେହି ଇସଲାମୀୟ ମନୋଭାବ ଥିଲା ଯାହାକୁ ସେହି ଦୁଇ ଜଣ ସାହାବା ଦେଖାଇ ଥିଲେ । ଇସଲାମ ଅମକୁ କେତେ ସୁନ୍ଦର ଶିକ୍ଷା ଦେଇଛି କି ପ୍ରତ୍ୟେକ ବ୍ୟକ୍ତି ନିଜର ଅଧିକାର ହାସଲ କରିବା ଓ ଏଥିପାଇଁ ଧର୍ମଘଟ କରିବା ପରିବର୍ତେ ଅନ୍ୟକୁ ଅଧିକାର ପ୍ରଦାନ କରିବାକୁ ଚେଷ୍ଟା କରିବା ଉଚିତ୍ ।(ସେ ସମୟରେ କେତେକ ଧର୍ମଘଟ ହେଉଥିଲା । ହଜରତ ମୁସଲେଃ ମଉଦ[ର.ଅ] କହିଲେ; )ଯେବେ ଏଭଳି ଆତ୍ମବଳ ପ୍ରତିଷ୍ଠା ହୋଇ ଯିବ , ତେବେ ଯାଇ ସେ ସମୟରେ ସମସ୍ତ ପ୍ରକାରର ଷ୍ଟ୍ରାଇକ୍ ଧର୍ମଘଟ ଆପେ ଆପେ ବନ୍ଦ ହୋଇ ଯିବ । କିନ୍ତୁ ସତ୍ କର୍ମ ତ ଏହା ହେବା ଉଚିତ୍ ଯେ ଯେବେ କାହାରି ତରଫରୁ ନିଜ ଅଧିକାରର ପ୍ରଶ୍ନ ଉଠେ ତେବେ ତାକୁ ତା'ର ଅଧିକାର ଦେଇଦେବା ଉଚିତ୍ । ଯଦି ଦେବାର ରହିଛି । ଯେହେତୁ ଅନ୍ୟର ଅଧିକାର ଉପରେ ଆମେ ଦୀର୍ଘ ସମୟ ଧରି ବସିଛେ । ସେଥିରୁ ଉପକୃତ ହୋଇ ଚାଲିଛେ ଅନ୍ୟର ଅଧିକାରକୁ ନିଜ ଅଧିକାର ଭାବି ନେଇ ତା'ର ଅଭ୍ୟାସଗତ ହୋଇ ଯାଇଛେ । ଏହା ଏକ ଅଣ ଇସଲାମୀୟ ପ୍ରତିଭା ଅଟେ । ସେଥି ଯୋଗୁଁ ଆମେ ଅନ୍ୟକୁ ତାର ଅଧିକାର ଦେଇ ପାରୁ ନାହେଁ । **(ଖୁତ୍‌ବାତେ ମହମୁଦ୍,ଖଣ୍ଡ - ୧୭,ପୃଷ୍ଠା- ୧୩୭)** ଏହା ଅତ୍ୟନ୍ତ ଦୁଃଖ ଦାୟକ ଅଟେ ଏବଂ ଇସଲାମ ଶିକ୍ଷାର ବିପରିତ କାର୍ଯ୍ୟ ଅଟେ ।

ଉଦାହରଣ ସ୍ୱରୂପ ଆଜି କାଲିର ପ୍ରଗତିଶୀଳ ଦୁନିଆରେ ବି ଧର୍ମଘଟ କରିବାର ଯେଉଁ ଅଧିକାର ଦିଆଯାଇଛି , ତାହା ବିନା ବୁଝାସୁଝାରେ ଦିଆଯାଇଛି । ଏହା ଦେଖିନଥାନ୍ତି ଯେ ଏହାର ସୀମାବଦ୍ଧ କେଉଁ ପର୍ଯ୍ୟନ୍ତ ହେବା ଉଚିତ୍ ? ଉଦାହରଣ ସ୍ୱରୂପ ଆଜି କାଲି ଏ ଦେଶ ୟୁ.କେରେ ଜୁନିୟର ଡ଼ାକ୍ତର ମାନଙ୍କର ଧର୍ମଘଟ ଚାଲିଛି । ଯଦ୍ଦ୍ୱାରା ରୋଗିମାନଙ୍କର ଅବସ୍ଥା ଶୋଚନୀୟ ହୋଇଚାଲିଛି । ନିଜ ଅଧିକାର ପାଇବା ପାଇଁ ରୋଗୀମାନଙ୍କୁ ଚିକିତ୍ସାର ସୁବିଧାରୁ ବଂଚିତ କରାଯାଉଛି । ମୋର ମନେ ଅଛି ଏଥର ଜାପାନ ଗସ୍ତରେ ଜଣେ ଭଦ୍ର ସ୍ୱଭାବର ଇଶାଇ ପାଦରି(ଖ୍ରୀଷ୍ଟ ଧର୍ମଗୁରୁ )ହୁଜୁରଙ୍କୁ ପ୍ରଶ୍ନ କଲେ କି ଶାନ୍ତିର ସଂଜ୍ଞା କ'ଣ ? ଏବଂ ଏହା କିପରି ପ୍ରତିଷ୍ଠା କରାଯାଇ ପାରିବ ? ସେ ଆହୁରି କହିଲେ କି ମୁଁ ଅନେକଙ୍କୁ ଏହି ପ୍ରଶ୍ନ ପଚାରି ବୁଝିଲିଣି କିନ୍ତୁ କାହାରିଠାରୁ ହେଲେ ସନ୍ତୋଷଜନକ ଉତର ପାଉ ନାହିଁ । ହୁଜୁର ତାଙ୍କୁ ଉତର ଦେଲେ,ଇସଲାମ ଏଥି ସମ୍ବନ୍ଧରେ ଆମକୁ ଶିକ୍ଷା ଦେଉଛି କି ଯାହା ନିଜ ପାଇଁ ପସନ୍ଦ କରୁଛ ତାହା ଅନ୍ୟ ପାଇଁ ମଧ୍ୟ ପସନ୍ଦ କର । ଯଦି ଏପରି କରିବ ତେବେ ପରସ୍ପରର ଅଧିକାର ପ୍ରଦାନ କରିବା ସହ ଶାନ୍ତି ପ୍ରତିଷ୍ଠାରେ ତୁମେ ସହାୟକ ହେବ । ପୁଣି ଏହା ଫଳରେ ପରସ୍ପରକୁ ସୁରକ୍ଷା ପ୍ରଦାନକାରୀ ମଧ୍ୟ ହେବା ଏହା ଶୁଣି ସେ କହିଲେ; ଏପରି ଉତର ମୁଁ ପ୍ରଥମ ଥର ଶୁଣୁଛି ଏବଂ ଏହା ମୋ ହୃଦୟକୁ ସ୍ପର୍ଶ କରିଛି ।

ସୁତରାଂ ଆଜି ଇସଲାମ ହିଁ ପ୍ରତ୍ୟେକ କ୍ଷେତ୍ରରେ ସଠିକ୍ ମାର୍ଗ ଦର୍ଶନ କରାଇବାର ଏକ ମାତ୍ର ପନ୍ଥା କିନ୍ତୁ ଏହା ଉପରେ କାର୍ଯ୍ୟକାରୀ ନକରିବା ଯାଏ ଆମେ ସଂସାରବାସୀଙ୍କୁ ନିଜ ପ୍ରତି ଆକର୍ଷିତ କରି ପାରିବା ନାହିଁ । ଅନ୍ୟର ଅଧିକାର ହାତେଇବାର ତ ପ୍ରଶ୍ନ ହିଁ ଉଠୁ ନାହିଁ । ଯଦି ଆମେ ନିଜର ଅଧିକାର ଅନ୍ୟ ପାଇଁ ଛାଡିବାକୁ ପ୍ରସ୍ତୁତ ହୋଇଯିବା ତେବେ ଶାନ୍ତି ପ୍ରତିଷ୍ଠା ହୋଇଯିବ । ଆମେ ନିଜ ଅଧିକାର ଛାଡ଼ି ଦେଲେ ମଧ୍ୟ କୌଣସି କ୍ଷତି ହେବ ନାହିଁ । ଯେତେବେଳେ ଏପରି ହେବ ସେତେବେଳେ ଗୋଟିଏ ପରିବେଶରେ ଦୁଇ ଜଣଙ୍କ ଅଧିକାର ପୂରଣ ହେବାର ପ୍ରୟାସ ହୋଇ ପାରିଥାଏ । ଏବଂ ଅନ୍ୟ ଜଣଙ୍କର ବି ଯଦି ସେ ମୋମିନ(ପୂଣ୍ୟବାନ) ଥାଏ, ତେବେସେ ଅବୈଧ୍ୟ ଅଯଥା ଅଧିକାର ଗ୍ରହଣ କରିବ ନାହିଁ । ଏହା କଦାପି ହେବ ନାହିଁ ଯେ ଅନ୍ୟ କୌଣସିର ଅଧିକାରକୁ ଅବୈଧ୍ୟ ରୂପେ ବଳପୂର୍ବକ ଅଧିକାର କରିନେବ । କିନ୍ତୁ ଦୁଃଖର କଥା ଅନେକ ସମୟରେ କଜା (ଜମାତୀୟ ନ୍ୟାୟାଳୟ)ରେ ଏପରି ସମସ୍ୟା ଆସିଥାଏ ଆମ ଜମାତେରେ ବି ଜଣେ ଭାଇ ଅନ୍ୟ ଭାଇ ଜଣକ ଅଧିକାରକୁ ହାତେଇବାକୁ ବସିଥାଏ । ଅଥବା ଅନ୍ୟ ପ୍ରିୟଜନ ଅଧିକାରକୁ ନେଇଯିବାକୁ ବସିଥାଏ । ଯଦି ଆମେ ଏଥିପ୍ରତି ଧ୍ୟାନ ଦେବା ତେବେ ଆମ କଜାର ଅନେକ ସମସ୍ୟା ସମାଧାନ ହୋଇପାରିବ ।

ଝଗଡ଼ା ଝଂଟିର ସମାପନ କରିବା ପାଇଁ ଇସଲାମ ଆମକୁ କି ଶିକ୍ଷା ଦେଇଛି ? ଏବଂ ସାହାବୀ ମାନଙ୍କର କି ଆଦର୍ଶ ଆମ ସମ୍ମୁଖରେ ରହିଛି ? ବର୍ଣ୍ଣନା କରାଯାଏ ଯେ ଏକଦା ଦୁହିଁଙ୍କ ମଧ୍ୟରେ ଝଗଡା ହୋଇଗଲା । ଭାଇ ଭାଇଙ୍କ ମଧ୍ୟରେ ଅନେକ ସମୟରେ ମତଭେଦ ସୃଷ୍ଟି ହୋଇଥାଏ,ତୁହା ତୁହି ହୋଇ ଯାଇଥାଏ । ହଜରତ ଇମାମ ହସନ[ର.ଅ]ଙ୍କ ସ୍ୱଭାବ ଅତି ଶାନ୍ତ ଏବଂ ନରମ ଥିଲା । କିନ୍ତୁ ହଜରତ ଇମାମ ହୁସେନ[ର.ଅ]ଙ୍କ ସ୍ୱଭାବରେ କ୍ରୋଧ ଦେଖା ଯାଉଥିଲା । ତାଙ୍କ ମଧ୍ୟରେ ଝଗଡ଼ା ହେଲା । ହଜରତ ଇମାମ ହୁସେନଙ୍କ ତରଫରୁ ଅଧିକ କଷ୍ଟ ଦିଆଯାଇଥିଲା । କିନ୍ତୁ ହଜରତ ଇମାମ ହସନ[ର.ଅ] ଧୈର୍ଯ୍ୟ ଦେଖାଇ ଥିଲେ । ସେହି ଝଗଡ଼ା ସମୟରେ ଆଉ କେତେକ ସାହାବୀ ମଧ୍ୟ ଉପସ୍ଥିତ ଥିଲେ । ଯେତେବେଳେ ଝଗଡ଼ା ଶେଷ ହୋଇଗଲା । ଦ୍ୱିତୀୟ ଦିନ ଜଣେ ବ୍ୟକ୍ତି ଦେଖିଲା କି ହଜରତ ଇମାମ ହସନ[ର.ଅ] ଶୀଘ୍ର ଶୀଘ୍ର କେଉଁ ଆଡ଼େ ଯାଉଥିଲେ । ସେହି ବ୍ୟକ୍ତି ଜଣକ ତାଙ୍କୁ ପଚାରିଲେ; ଆପଣ କେଉଁ ଆଡ଼େ ଯାଉଛନ୍ତି ? ହଜରତ ହସନ[ର.ଅ] କହିବାକୁ ଲାଗିଲେ; ମୁଁ ହୁସେନ[ର.ଅ] ଙ୍କ ପାଖକୁ କ୍ଷମା ମାଗିବାକୁ ଯାଉଛି । ସେହି ବ୍ୟକ୍ତି ଜଣକ କହିଲେ;ତୁମେ କ୍ଷମା ମାଗିବାକୁ ଯାଉଛ ? ମୁଁ ତ ନିଜେ ସେହି ଝଗଡ଼ା ସମୟରେ ଥିଲି । ଏବଂ ମୋତେ ଭଲଭାବେ ଜଣା ଯେ ହଜରତ ହୁସେନର.ଅ ତ ଆପଣଙ୍କୁ ବହୁତ କଷ୍ଟ ଦେଇଥିଲେ । ତେଣୁ ଏହା ତାଙ୍କର କାମ ଯେ ସେ ଆସି ତୁମକୁ କ୍ଷମା ମାଗନ୍ତୁ । ଆପଣ ତାଙ୍କ ପାଖକୁ କାହିଁ କ୍ଷମା ମାଗିବା ପାଇଁ ଯାଉଛନ୍ତି ? ହଜରତ ହସନ[ର.ଅ] କହିଲେ; ଏହା ଠିକ କଥା । ମୁଁ ସେଇଥି ପାଇଁ ତ ତାଙ୍କ ପାଖକୁ କ୍ଷମା ମାଗିବାକୁ ଯାଉଛି ଯେ ସେ ମୋ ପ୍ରତି କଠୋରତା ପ୍ରଦର୍ଶନ କରିଥିଲେ । କାରଣ ଜଣେ ସାହାବୀ ମୋତେ ଶୁଣାଇ ଥିଲେ ଯେ ରସୁଲେ କରିମ [ସ.ଅ] କହିଛନ୍ତି, ଦୁଇ ଜଣଙ୍କ କଳହରେ ଯେ ସର୍ବ ପ୍ରଥମେ ମନମାଳିନ୍ୟକୁ ଦୂର କରିବାକୁ ଆଗେଇ ଆସେ । ଅଲ୍ଲାଃ ତାକୁ ତାର ବିପକ୍ଷରେ ଥିବା ବ୍ୟକ୍ତି ଠାରୁ ୫୦୦ ବର୍ଷ ପୂର୍ବରୁ ବୈକୁଣ୍ଠରେ ସ୍ଥାନ ଦେଇଥାନ୍ତି । ଏଣୁ ସେ ଚିନ୍ତା କଲେ କି ଯଦି ହଜରତ ହୁସେନ ମୋ ସହ ଖରାପ ବ୍ୟବହାର ଓ ଅନ୍ୟାୟ କରିଛନ୍ତି କିନ୍ତୁ ଯଦି ସେ ପ୍ରଥମେ ଆସି କ୍ଷମା ମାଗି ସନ୍ଧି କରିନିଅନ୍ତି ତେବେ ତ ମୁଁ ଦୁଇ ପାଞ୍ଚିରୁ ଯିବି ଅର୍ଥାତ ଇହ ଓ ପରକାଳରେ ପଛରେ ରହିଯିବି । ଅତଏବ ସେ ଏହି ନିଷ୍ପତି ନେଲେ କି ମୋ ଉପରେ ଯାହା ଅନ୍ୟାୟ ହେଲା,ତାହା ତ ହୋଇଗଲା କିନ୍ତୁ ବର୍ତମାନ ଆଗ ମୁଁ କ୍ଷମା ମାଗିନେବି ଯଦ୍ଦ୍ୱାରା ମୋତେ ତାଙ୍କ ଠାରୁ ୫୦୦ ବର୍ଷ ପୂର୍ବରୁ ବୈକୁଣ୍ଠ ପ୍ରାପ୍ତି ହୋଇଯିବ । **( ଅଲ୍ ଫଜଲ୍ ୨୩ ମଇ ୧୯୪୪,ପୃଷ୍ଠା- ୪,କଲମ ୨-୩,ଖଣ୍ଡ- ୩୨,ନଂ-୧୧୯)** ସୁତରାଂ ଏହପରି ଚିନ୍ତାଧାରା ବର୍ତମାନ ଆମ୍ଭମାନଙ୍କୁ ଆପଣାଇବାର ଆବଶ୍ୟକତା ରହିଛି ।

ହଜରତ ମୁସଲେଃ ମଉସ[ର.ଅ] ଏକଦା ବର୍ଣ୍ଣନା କରନ୍ତି; ମୁଁ ହଜରତ ମସିହ ମଉଦ[ର.ଅ]ଙ୍କ ଠାରୁ ଏକ ମଜା କଥା ଶୁଣି ଥିଲି । ଯାହା ବୋଧ ହୁଏ ଆରବି ପୁସ୍ତକ ''ମକାମାତେ ହରିରୀ''ଅଥବା ଆଉ କୌଣସି ପୁସ୍ତକର କାହାଣୀ । ଆପଣ କୁହନ୍ତି କି କେହି ଜଣେ ଅତିଥି କୌଣସି ସ୍ଥାନରେ ଶ୍ନାନ କରିବାକୁ ଗଲା । ଶ୍ନାନାଗାରର ମାଲିକ ଅନେକ ଗୁଲାମ ମାନଙ୍କୁ ସେବା କାର୍ଯ୍ୟରେ ନିଯୁକ୍ତ କରିଥିଲେ । କେତେକ ଦେଶରେ ଏପରି ଶ୍ନାନାଗାର ଥାଏ ଯେଉଁଠି ଅତିଥି ମାନଙ୍କର ମାଲିସ କରିବା ପାଇଁ ସେବକ ମୁତୟନ ଥାନ୍ତି । ଏବଂ ଶ୍ନାନ ବି କରାଇ ଦେଇଥାନ୍ତି । କୁହନ୍ତି ଏପରି ସମୟ ଆସିଥିଲା ଯେ ସେହି ସମୟରେ ମାଲିକ ନଥିଲା । ଯେତେବେଳେ ସେ ଶ୍ନାନ କରିବାକୁ ଶ୍ନାନାଗାରାକୁ ଗଲା , ସେତେବେଳେ ତା'ପାଖେ ସମସ୍ତ ଗୁଲାମ ଆସି ରୁଣ୍ଡ ହୋଇଗଲେ । ଯେହେତୁ ମୁଣ୍ଡକୁ ଅତି ସହଜ ପ୍ରକ୍ରିୟାରେ ମାଲିସ କରାଯାଇଥାଏ । ସେଥି ଯୋଗୁଁ ଏକ କ୍ଷଣକେ

ସମସ୍ତେ ମୁଣ୍ଡ ପାଖେ ରୁଣ୍ଡ ହୋଇଗଲେ । ଜଣେ କୁହେକି ମୋ ମୁଣ୍ଡ । ଅନ୍ୟ ଜଣେ କୁହେ ମୋ ମୁଣ୍ଡ । ସେଥି ପାଇଁ ନିଜ ନିଜ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଗଲା । ଜଣେ ଅନ୍ୟ ଜଣକୁ ଛୁରି ମାରିଦେଲା । ଯାହା ଫଳରେ ତାକୁ ଆଘାତ ଲାଗିଲା । ପାଟିତୁଣ୍ଡ ଫଳରେ ପୋଲିସ ଆସିଗଲା । ମାମଲା ଅଦାଲତ ପର୍ଯ୍ୟନ୍ତ ପହଂଚି ଗଲା । ଅଦାଲତ ସମ୍ମୁଖରେ ମଧ ଜଣେ ଗୁଲାମ କହୁଥିଲା କି ଏହା ମୋ ମୁଣ୍ଡ ଅଟେ । ଅନ୍ୟ ଜଣକ ବି କହି ଉଠେ ଏହା ମୋ ମୁଣ୍ଡ ଅଟେ । ଅଦାଲତ ଶ୍ମାନ କରୁଥିବା ବ୍ୟକ୍ତିକୁ ପଚାରିଲା । ସେ ଉତର ଦେଲା ହୁଜୁର ! ଏମାନେ ତ ଅଲାଜୁକୁ ଥିଲେ । ବୋକା ଥିଲେ । ସେମାନଙ୍କର କୌଣସି କଥାରେ ମୁଁ ଦୁଃଖିତ ନୁହେଁ । ଦୁଃଖ ତ ଏ କଥାରେ ଯେ ଆପଣ ବି ଏ ପ୍ରଶ୍ନ କରିଦେଲେ । ମୁଣ୍ଡ ନାଁ ତ ଏହାର , ନାଁ ତାହାର । ମୁଣ୍ଡ ତ ମୋର ଥିଲା । ହଜରତ ମସିହ ମଉଦ[ଆ.ସ] ଏପରି ଉଦାହରଣ ଏଥିପାଇଁ ଦେଇଥାନ୍ତି କି ସଂସାରିକ କଳହ ନିରର୍ଥକ ଅଟେ । ମୋର କ'ଣ ଓ ତୋର କ'ଣ,ଗୁଲାମର ନିଜର ତ ବୋଲି କିଛି ନ ଥାଏ । ସେହିପରି ଯେ ନିଜକୁ ଅବଦୁଲ୍ଲାଃ(ଅଲ୍ଲାଃଙ୍କ ଭକ୍ତ) କୁହେ ସେତେବେଳେ ତାହାର ନିଜର ବୋଲି କିଛି ବାକି ନଥାଏ । ଜଣେ ପ୍ରକୃତ ମୁସଲମାନ ବିଷୟରେ ଜଣାଇ ଦିଆଯାଉଛି । ଏବଂ ଏ ଘଟଣା ସେହି ଦୃଷ୍ଟି କୋଣରୁ ବର୍ଣ୍ଣନା କରାଯାଉଛି ଯେ ଅଲ୍ଲାଃଙ୍କର ଯିଏ ବି ଭକ୍ତ ହୋଇଥାଏ ସେ ମୋର ତୋରର ପ୍ରଶ୍ନ କରି ନଥାଏ । ସେ ତ ଅଲ୍ଲାଃର ଭକ୍ତ ହୋଇଥାଏ ଯେତେବେଳେ ସେ ଏହା କହିଥାଏ କି ମୁଁ ଅବ୍ଦୁଲ୍ଲାଃ(ଅଲ୍ଲାଃଙ୍କଭକ୍ତ)ଅଟେ । ସେତେବେଳେ ତାର କିଛି ହୋଇ ନଥାଏ । ସବୁ କିଛି ଅଲ୍ଲାଃଙ୍କର ହୋଇଥାଏ । ଯେତେବେଳେ ପ୍ରକୃତ ମୋମିନ(ପୁଣ୍ୟବାନ)ହୋଇଥାଏ । ତେବେ କହିଥାଏ କି ପ୍ରତ୍ୟେକ ଜିନିଷ ଅଲ୍ଲାଃର ହୋଇଥାଏ । ତା'ପରେ ଆଉ ମୋର ତୋରର ପ୍ରଶ୍ନ କେଉଁଠି ବାକି ରହିଲା ।

ହଜରତ ମୁସଲେଃ ମଉଦ[ର.ଅ] ବର୍ଣ୍ଣନା କରନ୍ତି; ପବିତ୍ର କୋରାନ ପଢି ଦେଖି ନିଅନ୍ତୁ । ସେଥିରେ ରସୁଲେ କରିମ[ସ.ଅ]ଙ୍କ ନାମ ଅବ୍ଦୁଲ୍ଲାଃ ରଖାଯାଇଛି । ଯେପରି ଉଲ୍ଲେଖ ଅଛି''ଲମ୍ମା କାମା ଅବ୍ଦୁଲ୍ଲାହେ''ତେବେ ପ୍ରଭୁଙ୍କ ଗୁଲାମ ହୋଇଯିବା ପରେ ଆଉ ଆମର କୌଣସି ଜିନିଷ ରହିନଥାଏ । ବରଂ ସବୁ କିଛି ପ୍ରଭୁଙ୍କର ହୋଇ ଯାଇଥାଏ । ସେଇଥି ଯୋଗୁଁ ପବିତ୍ର କୋରାନ ସ୍ପଷ୍ଟ ରୂପେ କହିଦେଇଛି ଯେ ଆମେ ପୂଣ୍ୟବାନଙ୍କ ଠାରୁ ଧନ ଓ ଜୀବନ ନେଇନେଲୁ । ବନ୍ଧୁ,ପ୍ରିୟଜନ,ସଂପର୍କୀୟ ସମସ୍ତେ ଜୀବନ ଶବ୍ଦର ଅନ୍ତର୍ଗତରେ ଆସିଯାଉଛନ୍ତି । ଏବଂ ଅନ୍ୟ ସବୁ ଧନ ଧାନ୍ୟ ଶବ୍ଦରେ ଅନ୍ତର୍ଭୁକ୍ତ । ଏହା ସେହି ଦୁଇ ଗୋଟି ଜିନିଷ ହୋଇଥାଏ ଯାହାର ମନୁଷ୍ୟ ମାଲିକ ହୋଇଥାଏ । ଏବଂ ଅଲ୍ଲାଃ କହିଥାଏ କି ଆମେ ଏହି ଦୁଇ ଗୋଟି ଜିନିଷକୁ ପୁନ୍ୟବାନ ଠାରୁ ନେଇ ନେଇଛୁ । ତାଙ୍କ ଜୀବନ ବି ନେଇନେଲୁ । ଏବଂ ତାଙ୍କ ଧନ ବି ନେଇ ନେଲୁ । ତା'ର ଅର୍ଥ ହେଲା ତୁମ ମଧ୍ୟରେ ଏ ଝଗଡ଼ା ହେବା ଅନୁଚିତ ଯେ ଏ ଜିନିଷ ମୋର । ଏ ଜିନିଷ ମୋର । ସେ ଜିନିଷ ତା'ର । ଏପରି କଳହ କର ନାହିଁ । ଏଠାରେ ମୋର ତୋ'ର ପ୍ରଶ୍ନ ହିଁ ଉଠୁ ନାହିଁ । ତୁମେ ନିଜ ଲକ୍ଷକୁ ପହଂଚିବା ପାଇଁ ପ୍ରୟାସ କର । ଛାଡ଼ି ଦିଅ ସେ ସବୁ କଥାକୁ । ତୁମେ କୁହ ନାହିଁ କି ସେ କାହିଁକି ସଭାପତି ହୋଇଗଲା । ( ଏବେ ଏଠାରେ ନିର୍ବାଚନର କଥା ହୋଇଗଲା । ପଦାଧିକାରୀ ମାନଙ୍କର ବି କଥା ହୋଇଗଲା । କେତେକ ଲୋକ ମାନେ ଝଗଡ଼ା ସୃଷ୍ଟି କରିଥାନ୍ତି ଯେ ଅମୁକ ଜଣକ କାହିଁକି ଇମାମୁସ୍ ସଲାତ (ନମାଜ ପାଠ କରାଇବା ବ୍ୟକ୍ତି) ହୋଇଗଲା । ଆମେସେମାନଙ୍କ ପଛରେ ନମାଜ ପଢିବୁ ନାହୁଁ । ଅମୁକ ଜଣକ କାହିଁକି ପ୍ରେସିଡ଼େଂଟ ହୋଇଗଲା । ଅନ୍ୟ ଜଣକ କାହିଁକି ହେଲାନାହିଁ । ଅମୁକ ଜଣକ ସେକ୍ରେଟାରୀ କାହିଁକି ହୋଇଗଲା । ଅନ୍ୟ ଜଣକ କାହିଁକି ହେଲା ନାହିଁ । ଅଥବା ଅମୁକ ଜଣକ ଯେପର୍ଯ୍ୟନ୍ତ ଇମାମୁସ୍ ସଲାତ ନହୋଇଛି ,ଆମେ ଅନ୍ୟ ଜଣକ ପଛରେ ନମାଜ ପଢିବୁ ନାହିଁ । **(ଖୁତବାତେ ମହମୁଦ, ଖଣ୍ଡ-୧୬,ପୃଷ୍ଠା- ୨୭୦-୨୭୧)**

ଏକଥା ସବୁ ଶୁଣି ନେଇଯିବା ପାଇଁ ନୁହେଁ । ବୋଧ ହୁଏ କେତେକଙ୍କର ଏହା ଚିନ୍ତାଧାରା ଥିବ ଯେ ହଜରତ ମୁସଲେଃ ମଉଦ[ର.ଅ]ଙ୍କ ସମୟ କାଳରେ ଏପରି ଲୋକ ଥାଇ ପାରନ୍ତି । ଏବଂ ଏବେ ଏପରି ନାହାନ୍ତି । ଏବେ ବି ଏପରି ଅଭିଯୋଗ ମିଳୁଛି । ସେହି ସମୟରେ ତ ସାହାବୀ ମଧ ଥିଲେ । ଯେଉଁମାନେ ଏପରି ଅସଳଖ ଲୋକମାନଙ୍କୁ ସଳଖି ଦେଉଥିଲେ । କିନ୍ତୁ ଆମେ ଧିରେ ଧିରେ ଯୁଗର ସୁଧାରକଙ୍କ ସମୟ(ନବୁଓ୍ୱତ)ଠାରୁ ଦୂରେଇ ଚାଲିଛେ । ତେଣୁ ଆମକୁ ବେଶ ଅଧିକ ନିଜର କାର୍ଯ୍ୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ଅମକୁ ଆଗ ଅପେକ୍ଷା ଅଧିକ ଧ୍ୟାନ ଦେବା ଉଚିତ୍ ଯେ କିପରି ଆମ୍ଭେ ଅବ୍ଦୁଲ୍ଲାଃ ହେବାର କର୍ତବ୍ୟ ସମ୍ପାଦନ କରିବା । ଏବଂ ନିଜ ଗର୍ବ,ଜିଦଖୋର ମନବୃତିକୁ ତ୍ୟାଗ କରି ଅଲ୍ଲାଃଙ୍କ ପ୍ରଶନ୍ନତା ହାସଲ କରିବାକୁ ଚେଷ୍ଟା କରିବା । ନିର୍ବାଚନ ସମୟରେ ବି ଏପରି ପ୍ରଶ୍ନ ଉଠିଥାଏ । ଅନେକ ସମୟରେ ଭିନ୍ନ ପରିସ୍ଥିତି ଅନୁଯାୟୀ ବହୁମତ ବିଷୟରେ ନିଷ୍ପତି ଦିଆଯାଏ । ତେବେ ଏଭଳି ପ୍ରକାରର ପ୍ରଶ୍ନ ଲୋକମାନେ ଲେଖିଥାନ୍ତି । ଏବର୍ଷ ବି ନିର୍ବାଚନର ବର୍ଷ ଅଟେ । ଜମାଅତମାନଙ୍କରେ କର୍ମକର୍ତା ଓ କର୍ମୀ ନିର୍ବାଚିତ ହେବେ । ତେଣୁ ଏହି ଦୃଷ୍ଟିରୁ ପ୍ରତ୍ୟେକ ନିଜ ଚିନ୍ତାଧାରା ସ୍ୱଚ୍ଛ ରଖିବା ଉଚିତ୍ । ସମ୍ପର୍କ ଓ ବନ୍ଧୁତାକୁ ପଛରେ ରଖି ଦୁଆର ସହ ନିଜ ଭୋଟର ଅଧିକାର ଅର୍ଥାତ୍ ମତ ପ୍ରକାଶ କରିବା ଉଚିତ୍ । ତାପରେ ଯାହା ନିଷ୍ପତି ହେବ ତାହାକୁ ସ୍ୱୀକାର କରିନେବା ଆବଶ୍ୟକ । ପ୍ରତ୍ୟେକ ଆପଣା ସ୍ୱାର୍ଥକୁ ପଛରେ ପକାଇ ଭୋଟ ଦେବା ଉଚିତ୍ । ଜମାଅତରେ ଥିବା ପାଂଚ ଗୋଟି ଗୋଷ୍ଠୀ ସମୁହରେ ମଧ ଏହି ପ୍ରଶ୍ନ ଉଠୁଥିବାର ଦେଖିବାକୁ ମିଳୁଅଛି ଯେ,ଅମୁକକୁ କାହିଁକି କାର୍ଯ୍ୟଭାର ଦିଆଗଲା ଏବଂ ଅମୁକକୁ କାହିଁକି ଦିଆଗଲା ନାହିଁ ? ଅମୁକ ଏପରି(ମନ୍ଦ)ଅଟେ ଇତ୍ୟାଦି ତେବେ ଏପରି ଅଭଦ୍ରାମିରୁ ନିଜକୁ ନିବୃତ ରଖିବା ଉଚିତ୍ । ଏବଂ ଯେ କେହି ମନୋନିତ ହୁଏ ତାହା ସହ ପୂର୍ଣ ସହଯୋଗ କରିବା ଉଚିତ୍ ।

ପୁଣି ଆଉ ଏକ କଥା ପ୍ରତି ଧ୍ୟାନ ଆକର୍ଷିତ କରାଇ ହଜରତ ମୁସଲେଃ ମଉଦ[ର.ଅ] କହିଲେ; ମୋମିନ ଦୃଢ ବିଶ୍ୱାସର ସହ ଅନ୍ତିମ ସମୟ ପର୍ଯ୍ୟନ୍ତ ଚେଷ୍ଟା କରିବା ଉଚିତ୍ । ଅନ୍ୟ ଉପରେ ନିର୍ଭର କରିବା ପରିବର୍ତେ ଅର୍ଥାତ୍ ଉଚ୍ଚ ପଦରେ ପ୍ରତିଷ୍ଠିତ ହେବା ପରେ ନିମ୍ନ କର୍ମୀମାନଙ୍କ ଉପରେ ନିର୍ଭର କରିବା ପରିବର୍ତେ ନିଜେ ସମସ୍ତ କାର୍ଯ୍ୟର ଆୟୋଜନ କରିବା କିମ୍ୱା ନିଜ ତତ୍ୱାବଧାନରେ କରାଇବା ଆବଶ୍ୟକ । ତେବେ ଯାଇ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ ହୋଇପାରିବ ।

ହଜରତ ମସିହ ମଉଦ[ଅ.ସ]ଙ୍କୁ କହୁଥିବାର ଶୁଣି ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି; ଜଣେ ଧନୀ ଶ୍ରେଣୀର ବ୍ୟକ୍ତି ଥିଲା । ତା'ର ଏକ ବହୁତ ବଡ଼ ଲଙ୍ଗର (ଭୋଜନାଳୟ)ଥିଲା । ଯେଉଁଠି ଅଧିକ ସଂଖ୍ୟାରେ ପ୍ରତିଦିନ ଗରିବ ଲୋକ ଖାଦ୍ୟ ଖାଉଥିଲେ । କିନ୍ତୁ ବିନମ୍ୱନା ଏହା ଥିଲା ଯେ ସେଠାରେ ବହୁତ ଅବ୍ୟବସ୍ଥା ଥିଲା । ଧନୀ ଲୋକ ଥିଲା । କିନ୍ତୁ ସେ ନିଜେ ସେ ସବୁର ତତ୍ୱାବଧାରକ ନଥିଲା । ଏ ବିଷୟରେ କୌଣସି ଧ୍ୟାନ ଦେଉ ନଥିଲା । ସେବକମାନେ ବିଶ୍ୱାସ ଘାତକ ଓ ଚୋର ପ୍ରକୃତିର ଥିଲେ । କେତେକ ସାମଗ୍ରୀ ଆଣିବା ବାଲା ଅଧିକ ଦାମରେ ସାମଗ୍ରୀ ନେଇଆସନ୍ତି ଏବଂ କମ ପରିମାଣରେ ଆଣିଥାନ୍ତି । କେତେ ଜଣ ସାମଗ୍ରୀ ବ୍ୟବହାର କରିବା ବାଲା ସାମଗ୍ରୀ ନିଜ ଘରକୁ ନେଇଯାନ୍ତି । ଆଉ କେତେକ ସାମଗ୍ରୀ ଏଣେ ତେଣେ ଫିଙ୍ଗି ନଷ୍ଟ କରି ଦେଇଥାନ୍ତି । ସେହିଭଳି ଭଣ୍ଡାର ଘର ବି ଖୋଲା ରଖି ଦେଇଥାନ୍ତି । ଯଦ୍ଦ୍ୱାରା ରାତି ସାରା କୁକୁର ଗଧିଆ ଇତ୍ୟାଦି ଖାଦ୍ୟ ସାମଗ୍ରୀକୁ ଖାଇ ନଷ୍ଟ କରିଥାନ୍ତି । ଫଳ ସ୍ୱରୂପ ସେ ଧନୀ ଲୋକଟି ଉଧାର ଓ କରଜରେ ପଡ଼ିଗଲା । ଏବଂ କୋଡ଼ିଏ ବର୍ଷର ଅବ୍ୟବସ୍ଥା ପରେ ତାକୁ ସୂଚିତ କରାଇ ଦିଆଗଲା ଯେ ସେ ଉଧାର କରଜରେ ବୁଡ଼ିଯାଇଛି । ସେ ଧନୀ ବ୍ୟକ୍ତି ସ୍ୱଭାବରେ ସାହାଯ୍ୟ କରିବାର ମନବତି ଥିଲା । ସେଥି ଯୋଗୁଁ ଲଙ୍ଗରକୁ ବନ୍ଦ କରିଦେବା ପାଇଁ ଇଚ୍ଛୁକ ନଥିଲା । ଅନ୍ୟ ପକ୍ଷେ ତାକୁ ଉଧାର ସୁଝିବାର ଚିନ୍ତା ଥିଲା । ସେ ନିଜ ସାଙ୍ଗ ମାନଙ୍କୁ ଏକାଠି କଲା । ଏବଂ ସେ ଏପରି ଉଧାର କରଜରେ ବୁଡ଼ିଯାଇଛି ବୋଲି ଜଣାଇଲା । ନିଜ ଅବହେଳା ତ କେହି କୁହନ୍ତି ନାହିଁ । ଏବଂ ନାଁ ହିଁ କେହି ଏପରି କହିଥାଏ । ସେମାନେ ସବୁ କହିଲେ ; ଭଣ୍ଡାର ଘରର କୌଣସି କବାଟ ନାହିଁ । ରାତି ସାରା କୁକୁର ଓ ଗଧିଆ ଖାଦ୍ୟ ଖାଇ ନଷ୍ଟ କରୁଛନ୍ତି । ଯଦି ଭଣ୍ଡାର ଘରେ କବାଟ ଲଗାଇ ଦିଆଯାଏ ତେବେ କେତେକାଂଶରେ ଖାଦ୍ୟ ନଷ୍ଟ ହେବାରୁ ବଂଚିତ ହୋଇ ଯିବ । ସୁତରାଂ ଆଦେଶ କରାଗଲା କି କବାଟ ଲଗାଇ ଦିଆଯାଉ । ଏବଂ କବାଟ ଲାଗିଗଲା । ଏହା ଏକ କାହାଣୀ । କାହାଣୀରେ କୁକୁର,ଗଧିଆ ଏବଂ ପଶୁମାନେ ବି କଥା କୁହନ୍ତି । କୁହନ୍ତି; ରାତିକୁ ଯେତେ ବେଳେ କୁକୁର ଓ ଗଧିଆ ଆସି ଦେଖିଲେ ଭଣ୍ଡାର ଘରେ କବାଟ ଲାଗି ଯାଇଛି । ସେମାନେ ବହୁତ ପାଟିତୁଣ୍ଡ କଲେ । ଆକସ୍ମାତ କେହି ଜଣେ ବୃଦ୍ଧ ଓ ବଡ଼ କୁକୁର ଗଧିଆ ଆସିଲା । ସେ ପଚାରିଲା ତୁମେ କାହିଁକି ହୋ ହଲ୍ଲା କରୁଛ । ଅନ୍ୟମାନେ କହିଲେ; ଭଣ୍ଡାର ଘରର କବାଟ ଲାଗିଗଲା । ଆମେ ଖାଇବୁ କ'ଣ ? ଅମ ଅଂଚଳର ସବୁ କୁକୁର ଓ ଗଧିଆ ଏଇଠାରୁ ଖାଉଥିଲେ । ସେ କହିଲା ତୁମେ ଖାଲିଟାକୁ କାନ୍ଦୁଛ,ପାଟିତୁଣ୍ଡ କରୁଛ । ନିଜ ସମୟ ନଷ୍ଟ କରୁଛ । ଯେଉଁ ବ୍ୟକ୍ତି କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ନିଜ ଘର ଚୋରି ହୋଉଥିବାର ଦେଖୁଥିଲା ଅଥଚ ତାକୁ ରୋକିବାର କୌଣସି ବ୍ୟବସ୍ଥା କଲା ନାହିଁ । ତା' ଭଣ୍ଡାରର କବାଟ କିଏ ବା ବନ୍ଦ କରିବ ? ନିଜେ ତ ସେ ଯନ୍ ନେଉ ନାହିଁ । ସେଥି ଯୋଗୁଁ କୌଣସି ଭୟ କର ନାହିଁ ।

ତେବେ ସେ କାହାଣୀରେ ସୂଚିତ କରାଇ ଦିଆଯାଇଛି ଯେ ''ଯଦି ଚାହିବ'' ଏବଂ ''ଚାହିବ''ମଧ୍ୟରେ ବହୁତ ବଡ଼ ଫରକ ଅଛି । କୁକୁର ଓ ଗଧିଆମାନେ ପାଟିତୁଣ୍ଡ କଲେ କି ଯଦି ସେ ଚାହିବ ଏବଂ କବାଟ ବନ୍ଦ କରିଦେବ ତେବେ ଆମେ ଖାଇବା କେଉଁଠୁ ? ଏବଂ ତାଙ୍କର ଯେଉଁ ଅଭିଜ୍ଞ ବୃଦ୍ଧ ନେତା ଥିଲା , ସେ କହିଲା; ଧନୀ ଲୋକତ ଏହା କେବେ ଚାହିଁବ ନାହିଁ । ସେ ଧ୍ୟାନ ହିଁ ଦେବ ନାହିଁ । ତେବେ ପାଟି ତୁଣ୍ଡ କରିବାର କୌଣସି ଆବଶ୍ୟକତା ନାହିଁ । ଏହାକୁ ବର୍ଣ୍ଣନା କରି ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି ଯଦି ଆମ ଜମାଅତର ଲୋକଙ୍କ ମନରେ(କାମ କରିବାର)ଇଚ୍ଛା ଶକ୍ତି ଜାତ ନହୁଁଏ ତେବେ କିଛି ହେଲେ ହୋଇ ପାରିବ ନାହିଁ । କିନ୍ତୁ ଯଦି ଏହି ଚିନ୍ତାଧାରା ଉଜାଗର ହୋଇଯାଏ ତେବେ ବଡ ବଡ କଷ୍ଟକର କାର୍ଯ୍ୟ ମଧ ଦିନକରେ ସମ୍ପର୍ଣ୍ଣ ହୋଇଯିବ ।

ହଜରତ ମୁସଲେଃ ମଉଦ[ର.ଅ]କୁହନ୍ତି; ଆମ ପିଲାଦିନର କାହାଣୀ ମଧ୍ୟରୁ ଆଲାଦ୍ଦିନ ଚେରାଗର କାହାଣୀ ବେଶ ଲୋ ପ୍ରିୟ ଥିଲା । ଆଲାଦ୍ଦିନ ଜଣେ ଗରିବ ଲୋକ ଥିଲା । ସେ ଯେତେବେଳେ ବି ସେହି ଚେରାଗଟିକୁ ଘସୁ ଥିଲା, ସେଥିରୁ ଗୋଟିଏ ଜିନ୍ନ ପ୍ରକଟ ହେଉଥିଲା । (ଏପରି ପିଲାମାନଙ୍କର କାହାଣୀ ଗଢା ହୋଇଛି ) ଜିନ୍ନକୁ ସେ ଯାହା କିଛି କହିଥାଏ ସେ ଶୀଘ୍ର ତାକୁ ପ୍ରସ୍ତୁତ କରି ସମ୍ମୁଖରେ ରଖି ଦେଉଥିଲା । ଉଦାହରଣ ସ୍ୱରୂପ ସେ ତାକୁ ଯଦି ଗୋଟିଏ ମହଲ ନିର୍ମାଣ କରିବାକୁ କହିଥାଏ ସେ ଶୀଘ୍ର ମହଲ ନିର୍ମାଣ କରିଦେଇଥାଏ । କୁହନ୍ତି ପିଲା ଦିନେ ତ ଆମେ ଏଇଆ ବୁଝିଥିଲୁ କି ଆଲାଦ୍ଦନିନର ଚେରାଗ ଗୋଟିଏ ସତ୍ୟ ଘଟଣା ଉପରେ ଆଧାରିତ । ସେତେବେଳେ ଆମର କୌଣସି ଜ୍ଞାନ ନଥିଲା । ଯେତେବେଳେ ବଡ଼ ହେଲୁ , ସେତେବେଳେ ଜାଣିପାରିଲୁ କି ଏହା ତ କେବଳ କଳ୍ପିତ ଏବଂ ମନ ଗଢିତ କାହାଣୀ । କିନ୍ତୁ ଯେତେ ବେଳେ ଯୁବବସ୍ଥାରୁ ବୃଦ୍ଧାବସ୍ଥାକୁ ଉନ୍ନିତ ହେଲୁ ତେବେ ଜଣା ପଡ଼ିଲା କି ଏ କଥା ତ ଠିକ ଅଛି । (ଏଠାରେବସି ଥିବା ଲୋକେ ଆଶ୍ଚର୍ଯ୍ୟ ହେଉଥିବେ ଯେ ହଜରତ ମୁସଲେଃ ମଉଦ[ର.ଅ] କହିଲେ କି ବୃଦ୍ଧାବସ୍ଥାକୁ ଆସିଲା କ୍ଷଣି ଜଣା ପଡ଼ିଲା କି ଏ କଥା ଠିକ ଅଛି ।) ଆଲାଦ୍ଦିନର ଚେରାଗ ନିଶ୍ଚିତ ରହିଛି । କିନ୍ତୁ କୁହନ୍ତି; ସେ ତୈଳଯୁକ୍ତ ଚେରାଗ(ଦୀପ) ନୁହେଁ । ବରଂ ସଂକଳ୍ପ ଓ ସାହସର ଚେରାଗ ହୋଇଥାଏ । ଅଲ୍ଲାଃ ଯାହାକୁ ଏହି ଚେରାଗ ପ୍ରଦାନ କରିଥାଏ ଏବଂ ସେ ତାକୁ କାର୍ଯ୍ୟରେ ଲଗାଇଥାଏ । କାରଣ ଦୃଢ ସଂକଳ୍ପ କରିବା ଓ ସାହାସୀ ହେବା ଅଲ୍ଲାଃତାଲାଙ୍କ ଗୁଣବାଚକ ଶକ୍ତି ଅଟେ । ଯେଭଳି ଅଲ୍ଲାଃ ''କୁନ୍'' କହିଥାଏ ଏବଂ ତାହା କାର୍ଯ୍ୟକାରୀ ହୋଇ ଯାଇଥାଏ । ସେହିଭଳି ଯେତେବେଳେ ଅଲ୍ଲାଃଙ୍କର ଧାର୍ଯ୍ୟ ନିୟମାନୁଯାୟୀ ତା'ର ଅନୁସରଣ କରି ତା'ର ଆଦେଶାନୁଯାୟୀ କାର୍ଯ୍ୟକାରୀ କରି (ମନେ ରଖ ଏ ସବୁ ସର୍ତାବଳୀ ରହିଛି )ତା'ଠାରେ ଦୁଆ କରି ଏବଂ ତା'ପାଖେ ସାହାଯ୍ୟ ଭିକ୍ଷାକରି ଯେକୌଣସି ମନୁଷ୍ୟ ''କୁନ୍''କହିଦିଏ । ତେବେ ସେ କାର୍ଯ୍ୟରେ ପରିଣତ ହୋଇଯାଏ । ତେଣୁ ଆମେ ପିଲା ଦିନେ ଆଲାଦ୍ଦିନ ଚେରାଗର ମାନ୍ୟକାରୀ ଥିଲୁ । ଯୁବାବସ୍ଥାରେ ପହଂଚିଲା ପରେ ଚିନ୍ତାଧାରା ଅସ୍ଥିର ହେଲା । କିନ୍ତୁ ବୃଦ୍ଧାବସ୍ଥାରେ ଏକ ଦୀର୍ଘ ସମୟର ଅଭିଜ୍ଞତା ପରେ ଜଣାପଡ଼ିଲା କି ଆଲାଦ୍ଦିନର ଚେରାଗ କାହାଣୀ ସତ୍ୟ ଅଟେ । କିନ୍ତୁ ଏହା ଏକ ଦୃଷ୍ଟାନ୍ତ ଜନକ ତତ୍ୱ । ଏବଂ ଚେରାଗ ପିତଳର ନୁହେଁ ବରଂ ଦୃଢ ସଂକଳ୍ପ ଓ

ସାହାସର ଚେରାଗ । ଯେବେ ତାକୁ ଘଷା ଯାଇଥାଏ ଯେତେ ବଡ଼ କାମ ହୋଇଥାଉ ବା କାହିଁକି ତାହା ଅତି ଶୀଘ୍ର ତତ୍‌କ୍ଷଣାତ ହୋଇ ଯାଇଥାଏ । **(ଅଲ୍ ଫଜଲ,୨୪ ଜାନୁଆରୀ ୧୯୬୨,ପୃଷ୍ଠା-୨-୩,ଖଣ୍ଡ-୧୬/୫୧,ନଂ-୨୦)**

ତେଣୁ ଏପରି ଚିନ୍ତାଧାରା ଆମ ପ୍ରତ୍ୟେକଙ୍କର ରହିବା ଉଚିତ୍ । ଆମେ କେବଳ ନିଜ ଇଚ୍ଛା ଶକ୍ତିକୁ ଜାଗ୍ରତ କରିବାର ନାହିଁ,ତତ୍‌ସହିତ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରିବା ଏବଂ ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କରିବା ଉଚିତ୍ । କେତେକ ଲୋକ ଏପରି ବି ଅଛନ୍ତି ଯେଉଁମାନେ ଚାହିଁଥାନ୍ତି ମଧ୍ୟ କିନ୍ତୁ ଅନେକ ସମୟରେ ଚାହିଁଥିଲେ ମଧ୍ୟ କେତେକ କାମ ହୋଇ ପାରି ନଥାଏ । କାରଣ ସେହି ଚାହିବାଟା ମନରୁ ହୋଇ ନଥାଏ । ତା'ସହିତ ଯେଉଁ ସବୁ ଆବଶ୍ୟକତା ବର୍ଣ୍ଣନା କରାଯାଇଛି,ତାହା ହୋଇ ନଥାଏ । ସଂକଳ୍ପ ହୋଇ ନଥାଏ,ଧୈର୍ଯ୍ୟ ହୋଇ ନଥାଏ, ପରିଶ୍ରମ ନଥାଏ । କେବଳ ମନ ହିଁ ମନରେ ଭାବୁଛନ୍ତି କି ଆମେ ଚାହୁଁଛୁ ।

ଯେବେ ନମାଜ ବିଷୟରେ ପ୍ରଶ୍ନ ଉଠୁଛି । ମୁଁ ଏ କଥାକୁ ବିଶେଷ ଭାବେ ଦେଖୁଛି ଯେ,ଅନେକ ଲୋକ ମୋତେ ଦୁଆ ପାଇଁ ନିବେଦନ କରିଥାନ୍ତି କି ଆମେ ନିୟମିତ ନମାଜ ପାଠ କରିବାକୁ ଚାହୁଁଛୁ କିନ୍ତୁ କରିପାରୁ ନାହୁଁ । ଦେଖ ଏମାନେ ଅନ୍ୟାନ୍ୟ କାମ ଯେତେବେଳେ ଇଚ୍ଛା କରନ୍ତି ତାହା ସଙ୍ଗେ ସଙ୍ଗେ କରିନିଅନ୍ତି କିନ୍ତୁ ନମାଜ ପାଠ ପ୍ରତି ପୂର୍ଣ୍ଣ ଆଗ୍ରହ ଓ ଉଦ୍ୟମ ନଥିବା ହେତୁ,ପୁଣି ଏଥି ପାଇଁ ଅଲ୍ଲାଃଙ୍କ ନିକଟରେ ଦୁଆ ନକରିବା ଯୋଗୁଁ ,ଏମାନେ ନମାଜର ଅଭ୍ୟସ୍ତ ହୋଇନଥାନ୍ତି । ପ୍ରକୃତରେ ଏମାନଙ୍କର ଇଚ୍ଛା ଅନ୍ତରରୁ ନଥାଏ ,ମାତ୍ର ମୁହଁରୁ କହୁଥାନ୍ତି କି ଆମର ଇଚ୍ଛା ଅଛି । ଏହା ସମ୍ଭବ ନୁହେଁ ଯେ ଜଣେ କୌଣସି କାର୍ଯ୍ୟ କରିବାକୁ ପୂର୍ଣ୍ଣ ଆଗ୍ରହ ପ୍ରକାଶ କରିଥାଏ ଏବଂ ତାହା ହୋଇ ପାରିନଥାଏ । ପ୍ରକୃତରେ ନମାଜ ସେମାନଙ୍କ ଦୃଷ୍ଟିରେ ଏକ ସାଧାରଣ ଜିନିଷ । ସଂସାରିକ କାର୍ଯ୍ୟକୁ ପ୍ରାଥମିକତା ଦେବା ଯୋଗୁଁ ନମାଜ ପାଠରେ ବିଘଟନ ଦେଖା ଦେଇଥାଏ । ଏହା କିପରି ସମ୍ଭବ ଯେ,ଜଣେ ଦୃଢ଼ ବିଶ୍ୱାସର ସହ ଏକ କାର୍ଯ୍ୟ କରିବାକୁ ଚାହିଁଥାଏ ଏବଂ ତାହା ସମ୍ପାଦନ ହୋଇ ପାରେନା । ସୁତରାଂ ଏସବୁ ନିଜର ଅଳସୁଆମି,ଅନିଚ୍ଛାର ଫଳ । ଯାହାକୁ (କାମ କରିବାର)ଇଚ୍ଛାର ନାମ ଦିଆଯାଉଛି ।

ଏକ ଘଟଣା ବର୍ଣ୍ଣନା କରିବା ପୂର୍ବରୁ ଆପଣ କୁହନ୍ତି; ଆମେ ପିଲା ଦିନେ ଗୋଟଏ କାହାଣୀ ଶୁଣି ଥିଲୁ । ଯଦିଓ କି ତାହା ହସିବା ପାଇଁ ନୁହେଁ । ବରଂ କାନ୍ଦିବା ପାଇଁ କୁହାଯାଇଥିଲା । ସେଥିରେ ବର୍ତ୍ତମାନର ମୁସଲମାନ ମାନଙ୍କର ଅବସ୍ଥା ଚିତ୍ରଣ କରାଯାଇଛି । କିନ୍ତୁ ସେହି କାହାଣୀ ଗଢିବାବାଲା ଇଙ୍ଗିତ ଭାଷାରେ ମୁସଲମାନ ମାନଙ୍କର ଅବସ୍ଥାକୁ ବର୍ଣ୍ଣନା କରିଛନ୍ତି ଯଦ୍ୱାରା ମୌଲବିମାନେ ତା'ପଛରେ ଚାଲି ନପଡ଼ନ୍ତୁ । (ଯଦି କେହି ଅହମଦୀ ମଧ୍ୟ ଏପରି କାର୍ଯ୍ୟ କରିଥାଏ ତେବେ ତାକୁ ମଧ୍ୟ ନିଜର ସମିକ୍ଷା କରିନେବା ଉଚିତ୍ ।)ସେ କାହାଣୀ ହେଲା, କେହି ଜଣେ ମହିଳା ନୌକର ଥିଲା । ଯେକି ନିୟମିତ ସହରି ସମୟରେ ଉଠୁଥିଲା । କିନ୍ତୁ ରୋଜା ରଖୁ ନଥିଲା । ମାଲିକଆଣୀ ଭାବିଲା ଯେ ବୋଧେ ହୁଏ ସେ ନୌକର କାମରେ ସାହାଯ୍ୟ ନିମନ୍ତେ ଉଠୁଥିଲା । କିନ୍ତୁ ରୋଜା ରଖୁ ନଥିଲା । ସେଥି ଯୋଗୁଁ ମାଲିକଆଣୀ ଭାବିଲା ତାକୁ ଅଯଥା ସହରୀ ସମୟରେ କଷ୍ଟ ଦେବା ଠିକ ନୁହେଁ । ସେହି ସମୟରେ କାମ ମୁଁ ନିଜେ କରିନେବି । ସୁତରାଂ ଦୁଇ ଚାରି ଦିନ ପରେ ମାଲିକଆଣୀ ତାକୁ କହିଲେ;ଝିଅ ତୁମେ ସହରୀ ସମୟରେ ଉଠ ନାହିଁ । ଆମେ ସେ ସମୟରେ ନିଜେ କାମ କରିନେବୁ । ତୁମକୁ ସେ ସମୟରେ କଷ୍ଟ କରିବାର ଆବଶ୍ୟକ ନୁହେଁ । ଏକଥା ଶୁଣି ସେହି ଝିଅ ଅତ୍ୟନ୍ତ ଆଚମ୍ଭିତ ହୋଇ ନିଜ ମାଲିକଆଣୀ ଆଡ଼କୁ ଦେଖିଲା । ସେ ମୋତେ କ'ଣ କହୁଛି ? କହିବାକୁ ଲାଗିଲା ଯେ ବିବି (ମାତା)ନମାଜ ମୁଁ ପଢୁ ନାହିଁ । ରୋଜା ମୁଁ ରଖୁ ନାହିଁ । ଯଦି ସହରୀ ବି ଖାଇବି ନାହିଁ ତେବେ ତ ମୁଁ ସଂପୂର୍ଣ୍ଣ କାଫିର(ବିଧର୍ମୀ) ହୋଇ ଯିବି । ବାସ୍ତବରେ ଏହା ଏକ ଭାଷା ଚିତ୍ରଣରେ ମୁସଲମାନ ମାନଙ୍କର ଅବସ୍ଥା ଦର୍ଶା ଯାଇଛି । ଅଥବା ସେହି ଲୋକମାନଙ୍କର ଅବସ୍ଥା ବର୍ଣ୍ଣନା କରାଯାଇଛି ଯେଉଁମାନେ ଜମାତ ପ୍ରତି ଧ୍ୟାନ ଦେଇ ନଥାନ୍ତି ।)କୁହନ୍ତି; ଅନ୍ୟ ଅର୍ଥରେ ତୁମେ ଏହା କହିପାରିବ ଯେ ଯଦି କୌଣସି ମୁସଲମାନକୁ କୁହାଯାଏ ଯେ (ଜୁମାତୁଲ୍ ୱିଦା ଦୃଷ୍ଟି କୋଣରୁ କୁହାଯାଉଛି)କିନ୍ତୁ ପ୍ରତ୍ୟେକ ଜୁମା ଏବଂ ପ୍ରତ୍ୟେକ ନମାଜରେ ଏପରି ଅବସ୍ଥା ହୋଇଥାଏ)ଯେ ମିଆଁ ! ଜୁମାତୁଲ୍ ୱିଦା ଦ୍ୱାରା କ'ଣ ହେବ ? ତୁମେ କାହିଁକି ନିଜକୁ ଅଯଥା କଷ୍ଟ ଦେଉଛ । ଅନ୍ୟ ଜୁମା ନପଢ଼ି ପାରୁଛ ତ କୌଣସି କଥା ନୁହେଁ । ତେବେ ସେ ଆଚମ୍ଭିତ ହୋଇ ତୁମ ମୁଖକୁ ଦେଖିବ । କହିବ ଭାଇ ତୁମେ ଏହା କ'ଣ କହୁଛ ? ଦୈନ୍ୟନ୍ଦିନ ମୁଁ ନମାଜ ପାଇଁ ମସଜିଦକୁ ଆସିପାରୁ ନାହିଁ । ଯଦି ମୁଁ ଜୁମାତୁଲ ୱିଦା ବି ପଢିବି ନାହିଁ ତେବେ କାଫିର ହୋଇ ଯିବି । ତେଣୁ ଏହା ମଧ୍ୟ ଏକ କୌତୁକ କଥା ଯେ ଗୋଟିଏ ସମୟରେ ଆସି ନମାଜ ପଢି ନେଲୁ ଏବଂ କର୍ତ୍ତବ୍ୟ ପୂରଣ ହୋଇଗଲା । (ଅଥବା ସେହି ଲୋକମାନଙ୍କ ପାଇଁ ମଧ୍ୟ ଯେଉଁମାନେ ଏହା ଭାବୁଛନ୍ତି ଯେ ମସଜିଦରେ ଆସି ଗୋଟିଏ ନମାଜ ପଢିନେଲୁ ଏବଂ କର୍ତ୍ତବ୍ୟ ପୂରଣ ହୋଇଗଲା । ସେତିକି ଯଥେଷ୍ଟ ହୋଇଗଲା । **(ଖୁତବାତେ ମହମୁଦ,ଖଣ୍ଡ-୨୩,ପୃଷ୍ଠା-୪୩୮-୪୩୯)**

ତେଣୁ ସେହି ଲୋକମାନେ ଯେଉଁମାନେ ନମାଜ ଆଡ଼କୁ ନିୟମିତ ଭାବେ ଧ୍ୟାନ ଦେଉ ନାହାନ୍ତି,ସେମାନେ ଏହି ଗୋଷ୍ଠୀରେ ଅନ୍ତର୍ଭୁକ୍ତ । ପାଂଚ ବେଳା ନମାଜ ପ୍ରତ୍ୟେକ ବୟସ୍କର ମୁସଲମାନ ଉପରେ ଧାର୍ଯ୍ୟ କରା ଯାଇଛି । ଏବଂ ପୁରୁଷଙ୍କ ଉପରେ ଏହାମସଜିଦ ମାନଙ୍କରେ ସାମୂହିକ ଭାବେ ପଢ଼ିବା ଧାର୍ଯ୍ୟ ଅଟେ । ସେଥି ପାଇଁ ବ୍ୟବସ୍ଥା ହେବା ଦରକାର । ଅଥବା ଏହାକହି ଦିଆଯାଉ କି ଆମେ ନାବାଳକ ବା ନାବାଳିକା । ଅଥବାଏହା କହି ଦିଅ ଯେ ଆମେ ଅଜ୍ଞାନୀ । ତେବେ ଠିକ ଅଛି । ଯେବେ ଏହି ଦୁଇ ଗୋଟି ଜିନିଷ ନାହିଁ ତେବେ ପୁଣି ପ୍ରତ୍ୟେକ ସ୍ଥାନରେ ସାମୂହିକ ନମାଜ ପାଠ ପାଇଁ ଚେଷ୍ଟା କରିବା ଉଚିତ୍ ।

ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି ଆମେ ହଜରତ ମସିହ ମଉଦ[ଆ.ସ] ଙ୍କ ଠାରୁ ଶୁଣିଛୁ ଯେ,ଯେତେବେଳେ କୌଣସି ରାଜା କିମ୍ବା ମୁଖିଆ କୌଣସି ସ୍ଥାନକୁ ଯାଇଥାନ୍ତି,ସାଥିରେ ନିଜର ସେବକଙ୍କୁ ମଧ୍ୟ ନେଇଥାନ୍ତି । ଏବଂ ତାହାକୁ କୌଣସି ସ୍ଥାନରେ ପ୍ରବେଶ କରିବା ପାଇଁ ଅନୁମତି ମାଗିବାକୁ ପଡିନଥାଏ । ଆଜି ମଧ୍ୟ କୌଣସି ନେତା କିମ୍ବା ମାନ୍ୟଗଣ ବ୍ୟକ୍ତି ଅସିଲେ,ସାଥିରେ ତାଙ୍କର ପ୍ରୋଟକଲ ଅଫିସର କିମ୍ବା ଅଙ୍ଗରକ୍ଷକ ମଧ୍ୟ ଅସିଥାନ୍ତି ଏବଂ ସେମାନେ କୌଣସି ସ୍ଥାନରେ ଅନୁମତି ମାଗିନଥାନ୍ତି । ସେହିପରି ତୁମର ଅବସ୍ଥା କିଭଳି ନିମ୍ନମାନର ହେଉନା କାହିଁକି ଯଦି ତୁମେ ଦେବଦୂତଙ୍କ ସହ ନିଜର ସମ୍ପର୍କ ଯୋଡ଼ି ନିଅ । ତେବେ ସେମାନେ ଯୁଆଡେ ଯିବେ ତୁମେ ମଧ୍ୟ ତାଙ୍କ ସଙ୍ଗରେ ଥିବ । ଏବଂ ଏଥିପାଇଁ ଅଲ୍ଲାଃଙ୍କ ସହ ସମ୍ପର୍କ ଯୋଡିବା ଅନିବାର୍ଯ୍ୟ । ତେବେଯାଇ ତୁମେ ତାଙ୍କର ସେବକମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ହୋଇପାରିବ । ଯଦି ସେମାନେ ଲୋକମାନଙ୍କ ହୃଦୟରେ ପ୍ରବେଶ କରିବେ ସେତେବେଳେ ତୁମେ ମଧ୍ୟ ପ୍ରବେଶ କରିବ । ଅତ୍‌ଏବ ତୁମେ ଅଲ୍ଲାଃଙ୍କର ଏହି ବିଶିଷ୍ଟ ଶକ୍ତିକୁ ବୁଝିବାକୁ ଚେଷ୍ଟାକର ଯାହାକି ଅଲ୍ଲାଃ ତୁମରି ପାଇଁ ରଖିଛନ୍ତି । ଏବଂ ଏହା ତୁମ ପକ୍ଷେ ସମ୍ଭବପର ଅର୍ଥାତ ତୁମ ଅଧାତ୍ମିକ ଶକ୍ତି ସହ ସଂଯୁକ୍ତ । ତେଣୁ ତୁମେ ନିଜର ଏହି ଶକ୍ତିକୁ ସୁଦୃଢ଼ କରିବା ନିମନ୍ତେ ଦେବଦୂତମାନଙ୍କ ସହ ଅଧିକରୁ ଅଧିକ ସମ୍ପର୍କ ଯୋଡିବାକୁ ଚେଷ୍ଟା କର ଯଦ୍ୱାରା ତୁମେ ଲୋକମାନଙ୍କ ହୃଦୟରେ ପହଂଚିବାରେ ସମର୍ଥ ହେବ । ଯଦି ତୁମେ ଏହି ଶକ୍ତି ପ୍ରାପ୍ତ କରି ନିଅ । ତେବେ ସମସ୍ତ ପରଦା ତୁମ ପାଇଁ ଉନ୍ମୁକ୍ତ ହୋଇଯିବ । ଏବଂ ଯେଉଁଠାରେ ଅଲ୍ଲାଃଙ୍କ ଆଲୋକ ପହଂଚି ଥାଏ ସେଠାରେ ତୁମେ ମଧ୍ୟ ପହଂଚି ଯିବ ।

ହଜରତ ମୁସଲେଃ ମଉଦ[ର.ଅ] ସେହି ସମୟରେ ଜଲସାରେ ଆସୁଥିବା ଲୋକମାନଙ୍କୁ ଉପଦେଶ ଦେଇ କହିଥବଲେ ଯେ ତୁମେ ନିଜ କର୍ତବ୍ୟକୁ ବୁଝ ଏବଂ ଯେଉଁ ଉତ୍ସାହ ସହ ତୁମେ ଏଠାକୁ ଆସିଛ, ତାକୁ ସଂପୂର୍ଣ୍ଣ କରିବାର ସାମଗ୍ରୀ ସୃଷ୍ଟି କର । ଏଭଳି ନହେଉ କି କିଛି ଲୋକ ପ୍ରଥମେ କୁସ୍ତି ଦେଖିବାକୁ ଆସିଥାନ୍ତି ସେହିଭଳି ତୁମେ ଏଠାକୁ ଆସି ଯାଇଛ । ବରଂ ଅଲ୍ଲାଃତାଲାଙ୍କ ସହ ସମ୍ପର୍କ ସ୍ଥାପିତ କର ଏବଂ ପୁଣି ଅଲ୍ଲାଃତାଲାଙ୍କ ସହ ସମ୍ପର୍କ ସ୍ଥାପିତ କରିବା ଫଳରେ ତା'ଦେବଦୂତମାନଙ୍କ ସହ ସମ୍ପର୍କ ସ୍ଥାପନ ହୋଇପାରିବ । ତେବେଯାଇ ଏ ଆଧାତ୍ମିକତା ଲୋକମାନଙ୍କ ଜ୍ଞାନରେ ପ୍ରଭାବ ପକାଇବ । ଏବଂ ଦେବଦୂତଗଣ ତୁମର କାର୍ଯ୍ୟ ସମ୍ପାଦନ କରିଦେଉଥିବେ । ତଥା ଯେଉଁଠି ସେ ପହଂଚିବେ ସେଠି ତୁମର ନାମ ମଧ୍ୟ ପହଂଚାଇ ଦେବେ । କାରଣ ତୁମର ନିୟତ ପବିତ୍ର ଅଟେ । ତୁମର ଆଧାତ୍ମିକତାରେ ଉନ୍ନତି ହେବ । ତୁମେ ପ୍ରଭୁଙ୍କ ପାଇଁ କାର୍ଯ୍ୟ ସମ୍ପାଦନ କରୁଥିବ । **(ଅଲ୍ ଫଜଲ, ୯ଜାନୁଆରୀ ୧୯୫୫, ପୃଷ୍ଠା-୩,ସ୍ତମ୍ଭ ୧,ଖଣ୍ଡ-୯/୪୪,ନଂ-୮)**

ତେଣୁ ଏହି ମୂଳ ତଥ୍ୟକୁ ସର୍ବଦା ମନେରଖିବା ଉଚିତ୍ ଯେ ଯେତେବେଳେ ଆମେ କୌଣସି ସ୍ଥାନରେ ଜଲସା କିମ୍ବା ଇଜତିମାରେ ଏକତ୍ରିତ ହେଉଛେ । ସେତେବେଳେ ଅଧାତ୍ମିକତାରେ ଉନ୍ନତି କରିବାକୁ ଚେଷ୍ଟା କରିବା ଉଚିତ୍ । ସେଠାରେ ମାତ୍ର କ୍ଷଣିକ ଆଧାତ୍ମିକ ସଙ୍ଗଠନ ପାଇଁ ଏକତ୍ରିତ ହେବା ପରିବର୍ତେ ଚୀରସ୍ଥାୟୀ ଆଧାତ୍ମିକ ସଙ୍ଗଠନ କରିବା ଯଦ୍ୱାରା ସ୍ୱୟଂ ଦେବଦୂତମାନେ ଆମର ସାହାଯ୍ୟକାରୀ ହୋଇଯିବେ । ଏବଂ ଯେଉଁଠି ଆମେ ଚେଷ୍ଟା କରିବା ସେଠାରେ ଦେବଦୂତଗଣ ପହଂଚି ସେଥିରେ ପ୍ରଭାବ ପକାଇବେ ଏବଂ ଆମ ପ୍ରୟାସକୁ ସଫଳ କରାଇବେ । ସର୍ବଦା ମନେରଖିବା ଉଚିତ୍ ଯେ ପ୍ରକୃତ ପୁଣ୍ୟବାନ ସେ ଯେକି ଏକ ସତ୍‌କର୍ମ କରିଥାଏ ତ ପୂର୍ବାପେକ୍ଷା ଅଧିକ ନମ୍ର ଓ କ୍ଷମା ସହ ଅଲ୍ଲାଃଙ୍କ ଠାରୁ ଅଧିକ ସତ୍‌କର୍ମ କରିବାର ଦୁଆ କରିଥାଏ । ଯଦ୍ୱାରା ଏ ସଂପ୍ରଦାୟ ଚାଲୁ ରହିବ । ଏବଂ ତା'ର ଫଳାଫଳ ବିତ ଉତମ ହେବ ।

ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି; କେତେକ ସାହାବା କୁହନ୍ତି,ଯେତେବେଳେ ଆମେ ହୁଜୁର[ସ.]ଙ୍କୁ ଦୁଆ କରିବାର ଦେଖୁ ସେତେବେଳେ ଏପରି ମନେହୁଏ ଯେମିତି ଏକ (ଭାତ) ହାଣ୍ଡି ଫୁଟୁଛି । ତେଣୁ ନିଜ ଜୀବନର ସୁଧାର ପାଇଁ ଧ୍ୟାନ ଦିଅ ଏବଂ ପବିତ୍ରତା ଓ ସଂଯମତା ସୃଷ୍ଟି କର । ତଥା ଭାବ ନାହିଁ ଯେ ତୁମେ ସତ୍‌କର୍ମ କରୁଛ । କାରଣ ସତ୍‌କର୍ମରେ ମଧ୍ୟ ଅବିଶ୍ୱାସକର କଥା ସୃଷ୍ଟି ହୋଇଥାଏ । ହଜରତ ମସିହ ମଉଦ[ଆ.ସ] କୁହନ୍ତି;ଜଣା ନାହିଁ ଆଜି କାଲି ଲୋକମାନେ ହଜ କରି ଆସୁଛନ୍ତି । କିନ୍ତୁ ତାଙ୍କ ହୃଦୟରେ ପୂର୍ବାପେକ୍ଷା ଅଧିକ ମନ୍ଦ ଭାବନା ଓ ଅହଂଭାବ ସୃଷ୍ଟି ହୋଇଯାଉଛି । ଏ ଦୁର୍ବଳତା ଏଥିଯୋଗୁଁ ସୃଷ୍ଟି ହୋଇଥାଏ ଯେ ସେମାନେ ହଜର ମର୍ମକୁ ବୁଝିପାରି ନାହାନ୍ତି । ଆଧାତ୍ମିକ କ୍ଷେତ୍ରରେ କୌଣସି ଉପକୃତ ହେବା ପରିବର୍ତେ କେବଳ ହାଜି ନାମଧାରୀ ହୋଇ ଗର୍ବ କରିବାରେ ଲାଗିଯାଉଛନ୍ତି । ଏତଦ୍ ସହିତ ହଜରତ ମସିହ ମଉଦ[ଆ.ସ] ଏକ ମଜା କଥା ବି ଶୁଣାଇଲେ , କୁହନ୍ତି ଜଣେ ବୃଦ୍ଧ ମହିଳା ଥଣ୍ଡା ଦିନରେ ରାତିକୁ ଷ୍ଟେସନରେ ବସିଥିଲା । କେହି ଜଣେ ତାର ଚାଦର ନେଇଗଲା । ଯେତେବେଳେ ତାକୁ ଥଣ୍ଡା ଲାଗିଲା ଏବଂ ସେ ଚାଦର ଘୋଡ଼ିବାକୁ ଚାହିଲା ସେତେବେଳେ ଚାଦରକୁ ହଜି ଯିବାର ଜାଣି ପାଇଲା । ଏହା ଦେଖି ସେ ଉଚ୍ଚ ସ୍ୱରରେ କହି ଉଠିଲା,ହାଜି ଭାଇ ଏହା ମୋର କେବଳ ଏକ ମାତ୍ର ଚାଦର ଥିଲା । ଯାହାର ମୋତେ ଆବଶ୍ୟକତା ରହିଛି । ତାକୁ ମୋତେ ଫେରାଇ ଦିଅ । ସେହି ଚାଦରଟିକୁ ଉଠାଇ ନେଇ ଯାଇଥିବା ବ୍ୟକ୍ତି ଜଣକ ସେଇଠାରେ ବସିଥିଲା । ଏବଂ ଚାଦର ଆଣି ତା ପାଖେ ରଖିଦେବା ସହ ପଚାରିଲା ତୋତେ କିପରି ଜଣା ପଡ଼ିଲା କି ଚାଦର ଛୋରି କରିବା ବ୍ୟକ୍ତି ଜଣକ ହାଜି ଅଟେ । ସେ କହିଲା ଏ ଯୁଗରେ ଏପରି ନିର୍ଭିକ କଠୋର ହୃଦୟୀ କେବଳ ହାଜି ହିଁ ହୋଇପାରିବେ ।

ତେଣୁ ଏହା ଭାବ ନାହିଁ କି ଆମେ ପୂଣ୍ୟକର୍ମରେ ଲାଗିଯାଇଛୁ ଓ ଆମେ ନିର୍ମଳ ହୃଦୟୀ ଅଟୁ । ଅତଏବ ଆମର ଅଉ କିଛି କରିବାର ଆବଶ୍ୟକତା ନାହିଁ । ମଣିଷ ଯେତେ ପୂଣ୍ୟକର୍ମ କଲେ ଓ ଯେଉଁଳି ପବିତ୍ର ଚିନ୍ତାଧାରା ରଖିଲେ ମଧ୍ୟ ତା ମନରେ ମନ୍ଦ ଚିନ୍ତା ଆସିବା ଓ ତାହାର ବିଶ୍ୱାସ ଭ୍ରଷ୍ଟ ହେବା ଅସମ୍ଭବ ନୁହେଁ । କାରଣ ବିଶ୍ୱାସ ଆମ କାର୍ଯ୍ୟକଳାପର ପରିଣାମ ସ୍ୱରୂପ ପ୍ରାପ୍ତ ହୋଇନଥାଏ । ବରଂ ଅଲ୍ଲାଃଙ୍କ ଦୟା ଫଳରେ ମିଳିଥାଏ । ଏହି ମୂଳ ତଥ୍ୟ ସମସ୍ତଙ୍କର ମନେରଖିବା ଉଚିତ୍ । ଆମର ଯେଭଳି ଉତମ କର୍ମ ହେଉ ନା କାହିଁକି ଯେପର୍ଯ୍ୟନ୍ତ ଅଲ୍ଲାଃଙ୍କ ଦୟା ଓ କୃପା ବର୍ଷଣ ହୋଇ ନାହିଁ । ବିଶ୍ୱାସ ତାହାର ପୂର୍ଣ୍ଣତା ପ୍ରାପ୍ତି କରିନଥାଏ । ସୁତରାଂ ତୁମେ ସର୍ବଦା ଅଲ୍ଲାଃଙ୍କ ଦୟା (ପ୍ରାପ୍ତି କରିବା)କୁ ଧ୍ୟାନ ଦିଅ । ତୁମର ଦୃଷ୍ଟି ସର୍ବଦା ସେହି ଭକ୍ତ ପରି ହେବା ଉଚିତ୍ ଯେ ବିଶ୍ୱାସ ରଖିଥାଏ କି ଯଦି ଅଲ୍ଲାଃଙ୍କ ଦ୍ୱାର

ମୋ ପାଇଁ ବନ୍ଦ ହୋଇଯାଏ ତେବେ ଅନ୍ୟ କୌଣସି ଦ୍ୱାର ଖୋଲିବ ନାହିଁ । ଏହା ପରେ ତୁମେ ଯେତେ ବି ପୁଣ୍ୟକର୍ମ କରିବ ତାର କୌଣସି ମୂଲ୍ୟ ରହି ନଥାଏ ବରଂ ସେ ସଇତାନର କୋଳରେ ବସିଯାଇଥାଏ । ( **ଖୁତବାତେ ମହମୁଦ,ଖଣ୍ଡ-୧୭,ପୃଷ୍ଠା - ୨୧୬-୨୧୮**)ତେଣୁ ସର୍ବଦା କ୍ଷମା ପ୍ରାର୍ଥନା କରିବା ସହ ଅଲ୍ଲାଃଙ୍କ କୃପା,ଦୟା ଭିକ୍ଷା କର । ଏବଂ ଏହାକୁ ହାସଲ କରିବାକୁ ଚେଷ୍ଟା କର ଯଦ୍ୱାରା ତୁମର ଅନ୍ତିମ ସମୟ ସୁଖମୟ ହେବ ।

ହଜରତ ମୁସଲେଃ ମଉଦ[ରା.ଅ] କୁହନ୍ତି କି ହଜରତ ମସିହ ମଉଦ[ଅ.ସ] ଏକ ଘଟଣା ଜଣାଇ ଥିଲେ ଯେ ହଜରତ ଅବୁବକର[ରା.ଅ]ଙ୍କ ପରେ(ମୋତେ ସଠିକ ଜଣା ନାହିଁ) କିଛି ଅଳଙ୍କାର ଚୋରି ହୋଇଗଲା । ତାଙ୍କର ଜଣେ ସେବକ ଥିଲା । ସେ ଚିତ୍କାର କରି କହିଲା, ଏଭଳି ବି ଦୁନିଆରେ କେହି ହତଭାଗା ଅଛି ଯେ ଖଲିଫାଙ୍କ ଘରୁ ଚୋରି କରିବାରେ ଟିକେ ହେଲେ ଲଜ୍ଜିତ ହେଲା ନାହିଁ । ସେହି ସେବକ ଚୋର ଉପରେ ଗାଳିଗୁଲଜ କରି କହିଲା, ଅଲ୍ଲାଃ ତାକୁ ପଦାକୁ ଆଣି ଦେଉ । ଏବଂ ତାକୁ ଲଜ୍ଜିତ କରିଦେଉ । ପରିଶେଷରେ ସଂଧାନ ଦ୍ୱାରା ଜଣାପଡ଼ିଲା କି ଜଣେ ଯହୁଦିଙ୍କ ଘରେ ସେହି ଅଳଙ୍କାର ବନ୍ଧକ ରଖାଯାଇଛି । ଯେବେ ସେହି ଯହୁଦୀଙ୍କ ପଚରା ଗଲା କି ଏ ଅଳଙ୍କାର ତୁମକୁ କେଉଁଠାରୁ ମିଳିଲା ? ସେ ସେହି ସେବକର ନାମ କହିଲା ଯେକି ପୂର୍ବରୁ ବହୁତ ପାଟିତୁଣ୍ଡ କରୁଥିଲା । ଏବଂ ଚୋର ଉପରେ ଗାଳିଗୁଲଜ କରୁଥିଲା ।

ତେଣୁ ମୁହଁରେ ଖାଲି ଗାଳିଗୁଲଜ କରିଦେବା ଅନ୍ୟ ଉପରେ ଅଭିଶାପ ପକାଇଦେବା ଅଥବା ମୁହଁରେ ମାନ୍ୟକାରୀ ହେବାର ଦାବୀ କରିଦେବାଟା କୌଣସି ବଡ଼ କଥା ନୁହେଁ । ପ୍ରକୃତ କଥା ହେଲା କାର୍ଯ୍ୟକାରୀ ହେବା । ନଚେତ୍ କେବଳ ମୁହଁରେ ମାନ୍ୟକରୀ ବୋଲି ଦାବୀ କରିବା ବାଲା ଅନେକ ସମୟରେ ସବୁ ଠାରୁ ବଡ଼ ଅବିଶ୍ୱାସୀ ହୋଇଥାଏ । **(ଖୁତବାତେ ମହମୁଦ,ଖଣ୍ଡ-୧୭,ପୃଷ୍ଠା- ୫୧୬)**ତେଣୁ ଏହା ବହୁତ ବଡ଼ ଚିନ୍ତାର ବିଷୟ ଏବଂ ଆମକୁ ଏ ବିଷୟରେ ସର୍ବଦା ଧ୍ୟାନ ଦେବା ଉଚିତ୍ ।

ହଜରତ ମୁସଲେଃ ମଉଦ[ରା.ଅ] ଜଣେ ଅହମଦି ବିରୋଧିଙ୍କ ଚର୍ଚ୍ଚା କରିଛନ୍ତି ଯେ କି ଅହମଦୀୟତକୁ ମୂଳପୋଛ କରିବା ପାଇଁ ଦୃଢ ସଂକଳ୍ପ କରିଥିଲା । ହୁଜୁର କୁହନ୍ତି ମୁଁ ମଧ ତାକୁ ସେହିପରି ଉତର ଦେଇ ପାରିଥାନ୍ତି କି ତୁ ଏପରି କରିବାକୁ ଚେଷ୍ଟା କରି ତ ଦେଖ କିନ୍ତୁ ଏହା ପରିବର୍ତେ ମୁଁ ତାଙ୍କୁ କହିଲି କାହାରିକୁ ମୂଳପୋଛ କରିବା କିମ୍ବା ନକରିବା ଅଲ୍ଲାଃଙ୍କ ହାତରେ ଅଛି । ଯଦି ସେ ଆମକୁ ମୂଳପୋଛ କରିବା ପାଇଁ ଚାହାନ୍ତି ତେବେ ତୁମମାନଙ୍କ ପ୍ରଚେଷ୍ଟାର ଆବଶ୍ୟକତା ହିଁ ନାହିଁ । ସେ ଏକା ହିଁ ଯଥେଷ୍ଟ କିନ୍ତୁ ଯଦି ସେ ଆମକୁ ଉନ୍ନତି ଦେବା ପାଇଁ ନିଶ୍ଚିତ କରି ସାରିଛନ୍ତି ତେବେ କେହି ଆମକୁ ସେଥିରୁ ବଂଚିତ କରିପାରିବେ ନାହିଁ । ଏବଂ ଈଶ୍ୱର ଭୟ ହିଁ ମଣିଷକୁ ଏପରି ଗର୍ବରୁ ରକ୍ଷା କରିଥାଏ କି ମୁଁ ଏମିତି କରିଦେବି,ସେମିତି କରିଦେବି ।

ହଜରତ ମୁସଲେଃ ମଉଦ[ରା.ଅ]କୁହନ୍ତି; ମୁଁ ବୋଲି କୌଣସି ଜିନିଷ ନାହିଁ । ତକୱା ସଂଯମତା ହିଁ ପ୍ରକୃତ ଉତର ହୋଇଥାଏ । ସେଥି ଯୋଗୁଁ ହଜରତ ମୁସଲେଃ ମଉଦ[ରା.ଅ] କୁହନ୍ତି ମୁଁ ତାଙ୍କୁ ଏହି ଉତର ଦେଲି ଯେ ଆମେତ କିଛି କରିପାରିବୁ ନାହିଁ । କିନ୍ତୁ ଯଦି ଅଲ୍ଲାଃ ପ୍ରତିଷ୍ଠା କରିବାକୁ ଚାହିଁଛି ତେବେ ତୁମେ କିଛି ବି କରିପାରିବ ନାହିଁ । ଏବଂ ଆମ୍ଭେ କେହି ଧ୍ୱଂସ ହୋଇ ପାରିବୁ ନାହୁଁ । )କୁହନ୍ତି ତକୱା ହିଁ ଅଟେ ଯେକି ମନୁଷ୍ୟକୁ ଏପରି ଦାବୀ କରିବାରୁ ବଂଚିତ ରଖିଥାଏ ଯେ ମୁଁ ଏଭଳି କରିଦେବି ଏବଂ ସେଭଳି କରିଦେବି । ଏଭଳି ଦାବୀ କରିବାର କ'ଣ ଲାଭ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; କାଦିଆନରେ ବା ବୋଧ ହୁଏ ଆଉ କୌଣସି ସ୍ଥାନରେ ମହାମାରୀ ପଡ଼ିଥିଲା । ଏକ ଜନାଜାଃ ସମୟରେ ଜଣେ ବ୍ୟକ୍ତି କହିବାକୁ ଲାଗିଲା,ଏ ଲୋକମାନେ ନିଜେ ମରୁଛନ୍ତି । ମହାମାରୀ ପଡ଼ିଛି କିନ୍ତୁ ଲୋକମାନେ ଖାଇବା ପିଇବାକୁ ବାରଣ କରୁ ନାହାନ୍ତି । ଖୁବ ପେଟ ଭରି ଖାଇ ନେଉଛନ୍ତି । ଏହା ଧ୍ୟାନ ରଖୁ ନାହାନ୍ତି କି ମହାମାରୀ ପଡ଼ିଛି । ଯେଉଁ ବ୍ୟକ୍ତି ବହୁତ କହୁଥିଲା,ସେ କହିଲା; ଦେଖ ଆମେ ତ କେବଳ ଗୋଟିଏ ଫୁଲକା(ରୋଟି) ଖାଇଛୁ । ଯାହା ଏକ ଛୋଟ ରୋଟି । କିନ୍ତୁ ଏ ନିର୍ବୋଧ ଲୋକ ଠେସି ଚାଲିଛନ୍ତି । ପୁଣି ମହାମାରୀରେ ମରି ଚାଲିଚଛନ୍ତି । ଦ୍ୱିତୀୟ ଦିନ ଆଉ ଏକ ଜନାଜାଃ ଆସିଲା କେହି ଜଣେ ପଚାରିଲା ଇଏ କାହାର ?ସେତେବେଳେ ସେଠାକାର ଲୋକମାନେ ତା'ର କଥା ଶୁଣି ଶୁଣି ଥକି ଯାଇଥିଲେ । କେହି ଜଣେ ନିର୍ବୋଧ କହି ଉଠିଲା ଏ ଜନାଜାଃ ଜଣେ ଫୁଲକା ଖାଇବାବାଲାର । ତେବେ ଏପରି ଦାବୀ କରିବାର କ'ଣ ଲାଭ ?ଯେ ଆମେ ଏପରି କରି ଦେବୁ ସେପରି କରିଦେବୁ । ହଁ ଅଲ୍ଲାଃତାଲା ଯାହା କହିଥାଏ ତାହା ହିଁ ଆମେ କରିବା ଯେ ଏପରି ହୋଇପାରିବ । ନମ୍ରତାର ଏହା ଅର୍ଥ ନୁହେଁ ଯେ ଅଲ୍ଲାଃ ଯାହା କହିଥାଏ ତାକୁ ବି ଲୁଚାଇ ଦେବା । ଅଲ୍ଲାଃଙ୍କ ପ୍ରତିଶ୍ରୁତି ରହିଛି **"କତବଲ୍ଲାଃହୁ ଲ'ଅଗ୍‌ଲେବନ୍ନା ଅନା ଓ ରୁସୁଲି"(ଅଲ୍ ମୁଜାଦିଲା: ୨୨)** ଅର୍ଥାତ୍ ଅଲ୍ଲାଃ ନିଷ୍ପତି କରିସାରିଛନ୍ତି । ଆମ୍ଭେ ଓ ଆମ୍ଭର ରସୁଲ ବିଜୟୀ ହେବୁ । ଏବେ ଯଦି କେହି କହେକି ଆମେ ତୋତେ ପେସି ଦେବୁ । ତେବେ ମୁଁ ଏହା କହିପାରେ ଯେ ଯଦି ମୋ ଶକ୍ତିର ପ୍ରଶ୍ନ ଉଠେ ତେବେ ମୁଁ କିଛି କହିପାରିବି ନାହିଁ । କିନ୍ତୁ ଯଦି ଏ ଶବ୍ଦ ଅହମଦୀୟତ ବିଷୟରେ କୁହାଯାଇଛି ତେବେ ଏହା କଦାପି ହୋଇପାରିବ ନାହିଁ । ଅହମଦୀୟତ ନିଶ୍ଚିତ ବିଜୟୀ ହୋଇରହିବ । ଇନଶାଅଲ୍ଲାଃତାଲା(ଯଦି ଅଲ୍ଲାଃ ଚାହେଁ) । **(ଖୁତ୍‌ବାତେ ମହମୁଦ , ଖଣ୍ଡ -୧୭,ପୃଷ୍ଠା- ୩୪୩)**ଅଲ୍ଲାଃଙ୍କ ପ୍ରତିଶ୍ରୁତି ଉପରେ ଆମ୍ଭର ଏପରି ଦୃଢବିଶ୍ୱାସ ରହିଛି ଯେପରି କି ଆମ୍ଭର ନିଜ ଉପରେ ମଧ ନାହିଁ । ଅତ୍ୟବ ଅହମଦୀୟତର ବିଜୟ ନିଶ୍ଚିତ ତେବେ ଏହା ଆମ ଜୀବନରେ ଆସୁ କିମ୍ବା ଆସନ୍ତା ପିଢୀଙ୍କ ସମୟରେ । କିନ୍ତୁ ଆମ୍ଭକୁ ଏହି ବିଜୟର ଭାଗୀଦାର ହେବା ପାଇଁ ନିଜ ଭିତରେ ଈଶ୍ୱର ଭୟକୁ ସୁଦୃଢ କରିବା ଆବଶ୍ୟକ । ଯଦ୍ୱାରା ଏହା ବଂଶଗତ ସ୍ଥାପିତ ହୋଇ ରହୁ । ଏବଂ ଯଦି ଏହା ଆମ ସମୟରେ ନୁହେଁ ତେବେ ଆମ ପର ବଂଶଧର ଏହାକୁ ଦେଖିବା ଯୋଗ୍ୟ ହେବେ ।

ଦୁଆ କିପରି କରିବା ଉଚିତ୍ । ଏବଂ ଅହମଦୀମାନଙ୍କର ଯେଉଁ ବିପଦାବସ୍ଥା ରହିଛି , ସେଥିରୁ କିପରି ମୁକୁଳିବାକୁ ପଡ଼ିବ ଏଥି ବିଷୟରେ ଆଲୋକପାତ କରି ହଜରତ ମୁସଲେଃ ମଉଦ[ରା.ଅ] କୁହନ୍ତି;କି ହଜରତ ମସିହ ମଉଦ[ଅ.ସ] କୁହନ୍ତି,ସଂସାରରେ ପ୍ରେମର ଉତମ ପରିପ୍ରକାଶ ତାହା ହୋଇଥାଏ ଯେପରି ମାଁର ତା ସନ୍ତାନ ପ୍ରତି ହୋଇଥାଏ । ଅଥବା ମାଁକୁ ତା ଛୁଆ ପ୍ରତି ହୋଇଥାଏ । କେତେକ ସମୟରେ ମାଁର ଛାତିରେ ଖିର ଶୁଖି ଯାଇଥାଏ । କିନ୍ତୁ ଯେତେବେଳେ ଛୁଆ କାନ୍ଦିଥାଏ ତେବେ ସେ ସମୟରେ ଖିର ବାହାରି ଆସିଥାଏ । ତେଣୁ ଯେପରି ଛୁଆର ବିନା କାନ୍ଦରେ ମାଁ ଛାତିରେ ଖିର ଆସି ପାରି ନଥାଏ ସେହି ଭଳି ଅଲ୍ଲାଃ ନିଜ କରୁଣାକୁ ଭକ୍ତର କାନ୍ଦ ଓ ଚିତ୍କାର କରିବା ସହ ସଂପୃକ୍ତ କରି ଦେଇଛି । ଯେତେବେଳେ ଭକ୍ତ ଚିତ୍କାର କରିଥାଏ ତେବେ ସେ ସମୟରେ କରୁଣାର ଖିର ବାହାରିବାକୁ ଆରମ୍ଭ ହୋଇଥାଏ । ସେଥି ଯୋଗୁଁ ଯେପରି ମୁଁ କହିଲି ଆମକୁ ଦରକାର ଯେ ନିଜ ତରଫରୁ ଅଧିକ ମାତ୍ରାରେ ଚେଷ୍ଟା କରିବା । କିନ୍ତୁ ସେଭଳି ନୁହେଁ ଯେପରି ଅବିଶ୍ୱାସୀ ମୁନାଫିକ କରିଥାନ୍ତି । ଏତଦ୍ ବ୍ୟତୀତ ଯେଉଁ ସୀମା ପର୍ଯ୍ୟନ୍ତ ଅଧିକରୁ ଅଧିକ ଦୁଆ କରିବାର ସ୍ତରକୁ ଉଚ୍ଚ କରିପାରିବା । ଏଥି ପ୍ରତି ଆମକୁ ପ୍ରୟାସ କରିବା ଉଚିତ୍ ।

ହଜରତ ମୁସଲେଃ ମଉଦ[ରା.ଅ] ସେ ସମୟରେ ବି ଅହ୍ୱାନ ଦେଇ କହିଲେ ଯେ ସାତଗୋଟି ଉପବାସ ରଖ ଏବଂ ଦୁଆ କର । କିଛି ବର୍ଷ ପୂର୍ବରୁ ମୁଁ ମଧ କହିଥିଲି ଯେ ଜମାତର ଲୋକମାନଙ୍କୁ ରୋଜା ରଖିବା ଉଚିତ୍ । **(ଖୁତ୍‌ବାତେ ମସ୍‌ରୁର,ଖଣ୍ଡ- ୯,ପୃଷ୍ଠା-୫୦୧-୫୦୨)** ଆଜି ମଧ ଜମାତରେ ଏପରି ଲୋକ ଅଛନ୍ତି ଯେଉଁମାନେ ସେହି ନିର୍ଦ୍ଦେଶ ମୁତାବକ ଉପବାସ କରୁଛନ୍ତି । ବର୍ତମାନ ଅତିକମ୍‌ରେ ସପ୍ତାହକରେ ଗୋଟିଏ ଲେଖାଏଁ, କ୍ରମାଗତ ଚାଳିସ ସପ୍ତାହ ରୋଜା ରଖିବା ଉଚିତ୍ । ତତ୍ ସହିତ ଦୁଆ,ନଫ୍ୱିଲ ପାଠ,ଦାନଦକ୍ଷିଣା କରିବା ଉଚିତ୍ କାରଣ ବର୍ତମାନ ଜମାଅତର ଅବସ୍ଥା ଯେପରି କେତେକ ସ୍ଥାନରେ ଜମାଅତର ସଦସ୍ୟମାନଙ୍କ ଉପରେ ଅତ୍ୟାଚାର ଓ କଠୋରତାର ସୀମାଲଙ୍ଘନ କରାଯାଉଛି । ତେଣୁ ଯେତେବେଳେ ଆମେ ଅଲ୍ଲାଃଙ୍କ ନିକଟରେ ଚିତ୍କାର କରିବା ଯେପରିକି ଛୁଆର ଚିତ୍କାର ଫଳରେ ମାଁ ଛାତିରୁ କ୍ଷୀର ଝରି ପଡିଥାଏ । ସେହିପରି ଆକାଶରୁ ଆମ୍ଭ ପାଇଁ ଅଲ୍ଲାଃଙ୍କ ସାହାଯ୍ୟ, ସହାନୁଭୂତି ଅବତୀର୍ଣ୍ଣ ହେବ(ଇନ୍‌ଶା ଅଲ୍ଲାଃ) ଏବଂ ଆମ୍ଭ ରାସ୍ତାରେ ଥିବା ସମସ୍ତ ବାଧାବିଘ୍ନ ଦୂର ହୋଇଯିବ । ପୂର୍ବରୁ ମଧ ଦୂର ହୋଇଛି ବର୍ତମାନ ମଧ ଅଲ୍ଲାଃ ଚାହିଁଲେ ନିଶ୍ଚିତ ହେବ ।

ହଜରତ ମୁସଲେଃ ମଉଦ[ରା.ଅ] କୁହନ୍ତି କେତେକ ବାଧା ଏପରି ଅଟେ ଯାହାର ଦୂର କରିବା ଆମ କ୍ଷମତା ବାହାରେ । ଆମେ ଶତ୍ରୁ ମୁହଁ ବନ୍ଦ କରିପାରିବା ନାହିଁ ନା ତାର କଲମ ମୁନକୁ ରୋକି ପାରିବା ସେମାନଙ୍କ ମୁହଁ ଓ କଲମରୁ ଯାହା ବାହାରୁଛି,ସେ ସବୁ ପଢିବା ଓ ଶୁଣିବାର ଆମ୍ଭର ଶକ୍ତି ନାହିଁ । (ଏବଂ ଆଜି କାଲି ତ ଆମେ ଦେଖୁଛୁ କି ପାକିସ୍ତାନରେ ଅତ୍ୟନ୍ତ ଅଭଦ୍ର ଭାଷାରେ ହଜରତ ମସିହ ମଉଦ[ଅ.ସ]ଙ୍କ ବିଷୟରେ ଇସ୍ତେହାର ପୋଷ୍ଟର ଲଗାଯାଉଛି । ପ୍ରଶାସକଙ୍କୁ ମଧ ସେ ସମୟରେ ଅବଗତ କରାଇ ଦିଆ ଯାଉଛି ଯଦିଓ କି ସେ ସମୟରେ ଇଂରେଜ ଶାସନ ଥିଲା । କିନ୍ତୁ କଥା ଶୁଣା ଯାଉଥିଲା । ସେହିଭଳି ଶୁଣୁ ଥିଲେ ଯେଉଁଭଳି କାଲା ଶୁଣନ୍ତି ।) ହଜରତ ମୁସଲେଃ ମଉଦ[ରା.ଅ] କୁହନ୍ତି; ସେହି କଥା ଯାହା ହଜରତ ମସିହ ମଉଦ[ଅ.ସ]ଙ୍କ ବିଷୟରେ ସେ ସମୟରେ କୁହା ଯାଉଥିଲା । ଯଦି ଅନ୍ୟ କାହାରି ବିଷୟରେ କୁହାଯାଇଥାନ୍ତା ତେବେ ଦେଶରେ ନିଆଁ ଲାଗି ଯାଇଥାନ୍ତା । କିନ୍ତୁ ସେହି କଥା ସବୁ ହଜରତ ମସିହ ମଉଦ[ଅ.ସ]ଙ୍କ ବିଷୟରେ ବାରମ୍ବାର କୁହାଯାଉଛି । କିନ୍ତୁ କହିବା ବ୍ୟକ୍ତି ଉପରେ କୌଣସି କଟକଣା କରାଯାଇ ନାହିଁ । ଏପରିକି ଆମକୁ ରିପୋର୍ଟ ମିଳୁଛି କି (ସେହି ସମୟର ଏ କଥା) କେତେକ ବିରୋଧି ପରିବେଶରେ ଏପରି କଥା କୁହାଯାଉଛି କି ଆମକୁ ପଦାଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି ଯେ ଅହମଦୀମାନଙ୍କ ବିଷୟରେ ଯାହା ଚାହିଁ ଲେଖ କୌଣସି କଟକଣା ନାହିଁ । (ଖୁତବାତେ ମହମୁଦ,ଖଣ୍ଡ-୧୭, ପୃଷ୍ଠା- ୧୫୨-୧୫୩) ଏପରି ତ ବ୍ୟବହାର ସର୍ବଦା ଜମାତ ସହ ଚାଲିଆସିଛି । କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ପ୍ରତ୍ୟେକ ପ୍ରତିବନ୍ଧକ ମୁକାବିଲା ପ୍ରତିବଦଳରେ ଜମାତ ପ୍ରଗତି କରିଚାଲିଛି । ଏହା ତ ସେ ସମୟର ଶାସକଙ୍କ ଅବସ୍ଥା ଥିଲା ଯେକି ସେ ବିଷୟରେ କୌଣସି ନିୟମ କାନୁନ ପାସ କରି ନଥିଲେ । ପାକିସ୍ତାନରେ ଅହମଦିମାନଙ୍କ ବିରୋଧରେ ଆଇନ ତିଆରୀ ହୋଇଛି । ଏବଂ ଦେଶର ଆଇନ ଆମ ବିରୋଧୀମାନଙ୍କ ସାହାଯ୍ୟ ମଧ କରିଥାଏ ସେମାନଙ୍କର ଯେମିତି ଇଚ୍ଛା ସେମିତି କରିଥାନ୍ତି । ଯାହା ମୁହଁରେ ଯାହା ଆସେ ହଜରତ ମସିହ ମଉଦ[ଅ.ସ]ଙ୍କ ସମ୍ବନ୍ଧରେ ଯାଚ୍ଛା ତାହା କହିଥାଏ । ବର୍ତମାନ ନ୍ୟାୟାଳୟରେ ମଧ ଛୋଟ ଛୋଟ କଥାରେ ଅହମଦୀମାନଙ୍କୁ ଦଣ୍ଡ ଦିଆଯାଉଛି । ତେଣୁ ଏପରି ଅତ୍ୟାଚାରରୁ ରକ୍ଷା ପାଇବା ନିମନ୍ତେ ଆମ୍ଭକୁ ଅଲ୍ଲାଃଙ୍କ ବିଶେଷ ଶରଣାଗତ ସେବା ଆବଶ୍ୟକ । ପାକିସ୍ତାନର ଅହମଦୀମାନେ ଏଥି ପ୍ରତି ଆଗ ଅପେକ୍ଷା ଅଧିକ ଧ୍ୟାନ ଦେବା ଉଚିତ୍ । ନିଷ୍ଠାପର ଭାବରେ ଅଲ୍ଲାଃଙ୍କ ଆଗରେ ଦଣ୍ଡାୟମାନ ହୁଅ । ନଫ୍ୱିଲ ପାଠ କରିବା ସହ ଦାନଦକ୍ଷିଣା ଓ ଉପବାସ କର କାରଣ ଅଲ୍ଲାଃତାଲାଙ୍କ ଦୟା ଆକର୍ଷିତ କରିବା ବ୍ୟତୀତ ଆମ ନିକଟରେ ଅନ୍ୟ କୌଣସି ପନ୍ଥା ନାହିଁ । ଅଲ୍ଲାଃତାଲା ଏପରି ଅତ୍ୟାଚାରୀଙ୍କ କବଳରୁ ପ୍ରତ୍ୟେକ ଅହମଦି ସେ ଯେ କୌଣସି ଦେଶରେ ବସବାସ କରୁଛନ୍ତି, ରକ୍ଷା କରନ୍ତୁ । ଏବଂ ଏପରି ଦୁଆ କରିବାର ଶକ୍ତି ପ୍ରଦାନ କରନ୍ତୁ ଯାହାକି ଅରଶକୁ (ଅଲ୍ଲାଃଙ୍କ ପ୍ରାସାଦ)ଆନ୍ଦୋଳିତ କରିପାରୁଥିବ । ଏବଂ ସମଗ୍ର ସଂସାରର ଅହମଦି ଓ ଜମାଅତକୁ ଅଲ୍ଲାଃ ଉନ୍ନତି ପ୍ରଦାନ କରିବା ସହ ଅତ୍ୟାଚାରରୁ ରକ୍ଷା ପାଇବା ଓ ଦୁଆ କରିବାର ଶକ୍ତି ପ୍ରଦାନ କରନ୍ତୁ ।

ଏ ସଂଖ୍ୟାରେ ଓଡ଼ିଆ ଡ଼ିଟିପି ଜନିତ କେତେକ ଅକ୍ଷର ଲଖିବାରେ ଅସୁବିଧା ହେତୁ କେତେକ ଅକ୍ଷରର ସଠିକ ଶବ୍ଦ ଲେଖାଯାଇପାରି ନାହିଁ । ଉଦାହରଣ ସ୍ୱରୂପ ବାର୍ତା, ବଂଚି,ଝାଂଟି,ନିଷ୍ପତି,ପରବର୍ତୀ ଉତମ, ସତା, ନିରାପତା, ପହଂଚି, ପରିବର୍ତେ, କର୍ତବ୍ୟ ପଂଚମ,ପ୍ରଦତ,ବର୍ତମାନ,ପ୍ରେସିଡ଼େଂଟ,ମନବୃତି,ଇତ୍ୟାଦି । ପାଠକ ପାଠିକା ମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦର ସଠିକ ଉଚ୍ଚାରଣ ପଢିନେବେ । (ସମ୍ପାଦକ ମଣ୍ଡଳୀ)

**EDITOR**
Qamarul Haque Khan
**Sub-Editor** : Fazal Haque Khan
Mobile : + 91 9437645667
e-mail : odiabadr@gmail.com
website : www.akhbarbadrqadian.in
www.alislam.org/badr

Title Code: PUNODI00001
*The Weekly* **BADAR** *Qadian*
ସାପ୍ତାହିକ ବଦର କାଦିଆନ
Distt. Gurdaspur (Pb.) INDIA Qadian - 143516
**Vol. 1** **Thursday 17 March 2016** **Issue No. 2**

**MANAGER**
NAWAB AHMAD
Mobile : +91 94170- 20616
Tel. : +91 1872-224757
E-mail : managerbadrqnd@gmail.com
**ANNUAL SUBSCRIPTION** : Rs.300/-

## ସାରାଂଶ ଖୁତବା ଜୁମା ୦୪ ଡ଼ିସେମ୍ବର ୨୦୧୫ର ଅବଶିଷ୍ଟାଂଶ ,ଯାହା ବଦର ଖଣ୍ଡ-୧ ,ସଂଖ୍ୟା-୧ର ଶେଷ ପୃଷ୍ଠାରେ ପ୍ରଦତ

କିନ୍ତୁ ପ୍ରତ୍ୟେକ ଧରାଶାୟ ସମୟରେ ସେ ପୂନର୍ବାର ଏକ ପେଣ୍ଡୁ ' ବଲ୍' ସଦୃଶ୍ୟ ଉପରକୁ ଉଠିଥାଏ । ଏହି ଭଳି ଆସ୍ଥାବାନ ବିଶ୍ୱାସକାରୀ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ସତ ବାଧା ବିଘ୍ନ ଥାଇ ସୁଦ୍ଧା ଈଶ୍ୱର ସେମାନଙ୍କୁ ପ୍ରଗତି ପଥରେ ନେଇ ଯାଆନ୍ତି । ଏବଂ ସେହିମାନଙ୍କ ଦ୍ୱାରା ପ୍ରକୃତ ଏକ ସଂସ୍ଥା ସ୍ଥାପିତ ହୋଇଯାଏ ଯାହା ପ୍ରଗତି ପଥରେ ଧାବମାନ ହୁଏ । ଏହି ପରି ଆସ୍ଥା ଓ ବିଶ୍ୱାସ ରଖିବା ଦରକାର ଏବଂ ତାହା ପରେ ଯାଇ ଦେଖ ତୁମକୁ ଈଶ୍ୱର କେତେ ନା କେତେ ସମୃଦ୍ଧିଶାଳୀ ନ କରିଛନ୍ତି ? ଯେଉଁମାନେ କେବଳ ଈଶ୍ୱର ସକାଶେ ନିଜକୁ ପ୍ରସ୍ତୁତ କରିଥାଆନ୍ତି,ସେମାନଙ୍କୁ ଈଶ୍ୱରଙ୍କ ଠାରୁ କିଛି ମାଗିବାକୁ ପଡେ ନାହିଁ । ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ନ ମାଗିବାର ଅର୍ଥ ଏହା ନୁହେଁ ଯେ ସେମାନେ ପ୍ରାର୍ଥନା ଯାଚନା କରନ୍ତି ନାହିଁ କିନ୍ତୁ ଯିଏ ପ୍ରକୃତ ଭକ୍ତ ଅଟେ ତା'ଜୀବନରେ ଏହି ପରି କିଛି ସମୟ ଆସିଥାଏ ଏହିପରି କିଛି ଅନୁଭୂତି ପ୍ରାପ୍ତ ହୋଇଥାଏ । କେତେକ ଭକ୍ତ ଏହାକୁ ପାଥେୟ କରି ଈଶ୍ୱରଙ୍କ ନିକଟରେ ରିଷାରିଷି କରିଥାନ୍ତି ଏବଂ କହିଥାନ୍ତି ଅଲ୍ଲାଃ ସ୍ୱୟଂ ଆମର ଇଷ୍ଟ ପୂରଣ କରିବ। ଆମର ଆବଶ୍ୟକତାକୁ ପୂରଣ କରିବେ। ଏହି ପଦବୀ ,ଏହି ସ୍ତର ଏବଂ ଏହି ସ୍ଥାନ ଏତେ ସହଜରେ ହାସଲ ହୋଇ ନଥାଏ । ତୁମେ ତୁଚ୍ଛାକୁ ଏମିତି ବସି ରହିଥିବ। ହୃଦୟକୁ ଈଶ୍ୱରଙ୍କ ସକାଶେ ବିଚଳିତ କରିବ ନାହିଁ । ନମାଜରେ ପ୍ରାର୍ଥନାରେ ଯନ୍ ସହକାରେ ଉତ୍ସର୍ଗୀକୃତ ଭାବନାର ଉଦ୍ରେକ ହେଉ ନଥିବ। ସଂସ୍ଥାକୁ ଚାନ୍ଦା ଦେବାରେ ଅବହେଳା ପ୍ରଦର୍ଶନ କରୁଥିବ ମିଥ୍ୟା ଏବଂ ଶଠତାର ଆଶ୍ରୟ ନେଉଥିବ । ଏବଂ ତଥାପି ଭାବିବ ଯେ ତୁମ୍ଭେମାନେ ଅଲ୍ଲାଃଙ୍କର ଖାସ ଲୋକରେ ଗଣା ହେବ ବୋଲି ? ଏହା କଦାପି ସମ୍ଭବ ପର ନୁହେଁ। ଅଲ୍ଲାଃଙ୍କ ସହିତ ସଂପର୍କ ଦ୍ୱାରା କି କି ପ୍ରକାରର ନିଦର୍ଶନ ଦେଖିବାକୁ ଯେ ନ ମିଳଇ। ଏ ସଂପର୍କରେ ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ଯେମୁଁ ହଜରତ ମସିହ ମଉଦ[ଅ.ସ]ଙ୍କ ଠାରୁ ଶୁଣିଛି ଯେ ସେ ବାଗଦାଦର ଖଲିଫା ହାରୁନ ରସିଦଙ୍କ ସମୟର ଏକ ଘଟଣା ବର୍ଣ୍ଣନା କରିବାକୁ ଯାଇ କହିଥିଲେ ଯେ ତାଙ୍କ ଦରବାରରେ ହଜରତ ମୁହମ୍ମଦ[ସ.ଅ]ଙ୍କ ଖାନଦାନର ଜନୈକ ସାଧୁସନ୍ଥ ଭଦ୍ରବ୍ୟକ୍ତି ଯାହାଙ୍କର ନାମ ମୁସା ରଜା ଥିଲା । ବିଶୃଙ୍ଖଳା ଭିଆଇବା ବାହାନା କରି ତାଙ୍କୁ ସେହି ତଥା କଥିତ ଅଭିଯୋଗରେ ଗିରଫ କରି କାରାଗାରରେ ବନ୍ଦି କରି ରଖାଗଲା । ଥରେ ମଧ୍ୟ ରାତ୍ରିରେ ଏକ ପହରାଦାର ମୁସା ରଜାଆଙ୍କ କାରାଗାରରୁ ମୁକ୍ତି ହୁକୁମ ନାମାନେଇ ପହଂଚିଲା। ମୁସା ବହୁତ ଆଶ୍ଚର୍ଯ୍ୟ ହେଲେ ଯେ ହଠାତ୍ ବନ୍ଧନରୁ ଏତେ ଶୀଘ୍ର ମୁକ୍ତ ହୋଇଗଲେ। ସେ ବାଦଶାହଙ୍କୁ ସାକ୍ଷାତ କରି ପ୍ରଶ୍ନ କଲେ କଥା କ'ଣ ମୋତେ ହଠାତ୍ ବନ୍ଧନ ମୁକ୍ତ କରିବାର କାରଣ କ'ଣ? ବାଦଶାହ ହାରୁନ ରସିଦ କହିଲେ; ମୁଁ ଶୋଇ ପଡିଥିଲି । ସ୍ୱପ୍ନରେ ଦେଖିଲି କେହି ଜଣେ ଆସି ମୋତେ ସ୍ୱପ୍ନରେ ହିଁ ନିଦରୁ ଉଠାଇଲେ । ସେହି ସ୍ୱପ୍ନରେ ନିଦ ଭାଙ୍ଗିବାରୁ ମୁଁ ପ୍ରଶ୍ନ କଲି ଆପଣ କିଏ? ଜଣା ପଡିଲା ଯେ ସ୍ୱୟଂ ହଜରତ ମୁହମ୍ମଦ[ସ.ଅ] ଉପସ୍ଥିତ ଅଛନ୍ତି । ମୁଁ କହିଲି; ହୁଜୁରଙ୍କ କି ହୁକୁମ୍ ଅଛି । ହଜରତ ମୁହମ୍ମଦ[ସ.ଅ] କହିଲେ; ହାରୁନ ରସିଦ ଏକି ପ୍ରକାର କଥା ତୁମେ ଏଠି ଆରାମରେ ଶୋଇଛ ସେଠି ମୋ ପୁଅ ବନ୍ଦିଶାଳାରେ କଏଦୀ ହୋଇ ରହିଛି ? ଏ କଥା ଶୁଣି ମୋ ଶରୀରରେ ଅଭୂତପୂର୍ବ ଭୟ ସୃଷ୍ଟି ହୋଇଗଲା ଏବଂ ମୁଁ ତତ୍କ୍ଷଣାତ ମୁକ୍ତିର ହୁକୁମ୍ ଦେଇ ଦେଲି । ହଜରତ ମୁସଲେଃ ମଉଦ[ର.ଅ] ପୁନଶ୍ଚ ମୁନସୀ ଅରୋଡେ ଖାନ ଯିଏକି ହଜରତ ମସିହ ମଉଦ[ଅ.ସ]ଙ୍କ ଏକ ସତ୍ୟନିଷ୍ଠ ପ୍ରେମୀ ଅନୁଚର ଥିଲେ । ତାଙ୍କ ବିଷୟରେ କୁହନ୍ତି; ଯେ ମୁନସୀ ଅରୋଡେ ଖାନ ସାହେବ ପ୍ରାୟସବୁ ଶୁକ୍ରବାର ନହେଲେ ରବିବାରକୁ ଆପଣ କାଦିଆନ ଆସି ପହଂଚି ଯିବା ପାଇଁ ସବୁ ବେଳେ ମଧ୍ୟ ତାଙ୍କୁ ଛୁଟି ମିଳୁଥିଲା ସେ କାଦିଆନ ଆସି ଯାଉଥିଲେ । ଯାହା ପୂର୍ବରୁ ବର୍ଣ୍ଣନା କରାଯାଇଅଛି ଯେ ସେ ମାସକ ମଧ୍ୟରେ ଅନ୍ତତଃ ଥରେ ହେଲେ ମଧ୍ୟ କାଦିଆନ ଆସିବେ ହିଁ ଆସିବେ । ବାଟ ଖର୍ଚ୍ଚକୁ ସଂଚୟ କରିବା ପାଇଁ ସେ ଯିବା ଆସିବାର ଗୋଟିଏ ପଟେ ପାଦରେ ଚାଲି ଚାଲି ଯାତ୍ରା କରୁଥିଲେ। ଏହିତ ସଂଚିତ ଅର୍ଥକୁ ମଧ୍ୟ ହଜରତ ମସିହ ମଉଦ[ଅ.ସ]ଙ୍କୁ ଭେଟି ଦେଉଥିଲେ । ଏହାଙ୍କର ମାସିକ ଦରମା ରାଶି ସେତେବେଳେ ବହୁତ କମ୍ ଥିଲା । ପ୍ରାୟ ପନ୍ଦର କି କୋଡିଏ ଟଙ୍କା ହେବ । ଏତିକି ଟଙ୍କାରେ ତାଙ୍କର କେବଳ ଗୁଜର ମେଂଟ ହେଉ ନଥିଲା। ବରଂ ସେଥିରୁ କାଦିଆନ ଭ୍ରମଣ ଖର୍ଚ୍ଚ ସହ ହଜରତ ମସିହ ମଉଦ[ଅ.ସ]ଙ୍କୁ ଭେଟି ଦେବାର ମଧ୍ୟ ଖର୍ଚ୍ଚ ହେଉଥିଲା । ହଜରତ ମୁସଲେହ ମଉଦ[ର.ଅ]ଙ୍କ କହିବା ଅନୁସାରେ ମୁନସୀ ଅରୋଡେ ଖାନ ସାହେବଙ୍କୁ ସେ ସବୁ ବେଳେ ଗୋଟିଏ ମାତ୍ର କୋଟ ପରିଧାନ କରିଥିବାର ଦେଖୁଥିଲେ । ସେହି କୋଟ ସାରା ଜୀବନ ସେ ପିନ୍ଧି ଥିଲେ। ସେ ଖୋଲା ଲୁଙ୍ଗିକୁ ଲୁଗା ପରି ପିନ୍ଧୁଥିଲେ । ଏବଂ ସାଧାରଣ ଖଣ୍ଡିଏ କୁର୍ତା ଦ୍ୱାରା ଦେହକୁ ଆବୃତି କରି ରଖୁଥିଲେ । ତାଙ୍କର ଏକ ବଡ ଇଚ୍ଛା ଥିଲା ଯେ ଧିରେ ଧିରେ କିଛି ଅର୍ଥସଂଚୟ କରି ଏକ ବଡ ଆକାରର ରାଶି ଯମା କଲାପରେ ସେହି ସମଗ୍ର ଅର୍ଥକୁ ହଜରତ ମସିହ ମଉଦ[ଅ.ସ]ଙ୍କୁ କିପରି ଦିନେ ଭେଟଦେବେ । ସେ ନିଜର ସଚ୍ଚୋଟ ଏବଂ ସାଧୁତା ବଳରେ ଧିରେ ଧିରେ ପ୍ରଗତି କରି ତହସିଲଦାରର ପଦବୀକୁ ଉତିନ୍ନ ହୋଇ ପାରିଥିଲେ ।

ଏହା ପରେ ତାଙ୍କ ବିଷୟରେ ଏକ ପ୍ରଖ୍ୟାତ ଘଟଣା ହଜରତ ମୁସଲେହ ମଉଦ[ର.ଅ] ବର୍ଣ୍ଣନା କରି କହିଲେ ଯେ ହଜରତ ମସିହ ମଉଦ[ଅ.ସ]ଙ୍କ ଇହଧାମ ତ୍ୟାଗପରେ ଦିନେ ସେ ମୋତେ ଦେଖି ଘରକୁ ଡାକିଲେ ଏବଂ ମୋତେ ଦେଖି ପ୍ରବଳ ଆବେଗରେ କାନ୍ଦିବାକୁ ଲାଗିଲେ। ହଜରତ ମୁସଲେହ ମଉଦ[ର.ଅ]ତାଙ୍କ କାନ୍ଦିବାର କାରଣ କିଛି ବୁଝିପାରିଲେ ନାହିଁ। କିଛି ସମୟ ପରେ ସେ ନିଜ ପକେଟରୁ ତିନି ଚାରି ଖଣ୍ଡ ସୁନା ମୋହର ବାହାରକରି ମୋତେ ଦେଇ କହିଲେ;ଯେ ଏହାକୁ ମୁଁ ହଜରତ ମସିହ ମଉଦ[ଅ.ସ]ଙ୍କୁ ଦେବା ପାଇଁ ଇଚ୍ଛା କରିଥିଲି କିନ୍ତୁ ସେତେବେଳେ ମୋତେ ସେ ସୁଯୋଗ ମିଳି ନଥିଲା । ଯେତେବେଳେ ସେବାର ସୁଯୋଗ ମିଳିଲା,ସେତେବେଳକୁ ହଜରତ ମସିହ ମଉଦ[ଅ.ସ] ଏହି ସଂସାରକୁ ଛାଡି ଚାଲିଯାଇଥିଲେ । ଏହା କହି ପୁନଶ୍ଚ ସେ ଆର୍ତକଣ୍ଠରେ କାନ୍ଦିବାକୁ ଲାଗିଲେ। ହଜରତ ମୁସଲେଃ ମଉଦ[ର.ଅ]ଙ୍କ କହିବା କଥା ହେଲା ଯେ ଏହାକୁ ସତ୍ୟନିଷ୍ଠ ପ୍ରେମ କହନ୍ତି । ଏହି ସଂସାରରେ ଯଦି କୌଣସି ଜିନିଷ ସମୃଦ୍ଧଶାଳୀ ବସ୍ତୁ ରୂପେ ପ୍ରକୃତରେ ଅଛି ଏବଂ ଯାହା ସୁଖ ପ୍ରଦାନ କରିପାରେ । ଏବଂ ଏଭଳି ସୁଖ ଦୁନିଆଁରେ ବହୁତ ମିଳିଯିବ। ଏବଂ ଏକ ଆସ୍ଥା ତଥା ବିଶ୍ୱାସରେ ଭରାଜଣେ ଭକ୍ତ ହୃଦୟରେ ହଜରତ ମୁହମ୍ମଦ[ସ.ଅ]ଙ୍କୁ ମଧ୍ୟ ସେହି ବସ୍ତୁକୁ ଭେଟ ଦେବାର ଯେଉଁ ପ୍ରଗାଢ ଆଗ୍ରହ ତଥା ଇଚ୍ଛା ପ୍ରକଟ ହୋଇଥାଏ । ତାହାର ଏସବୁ ଏକ ନମୁନା ମାତ୍ର ଅଟେ । ସେ ସଂପର୍କରେ ହଜରତ ଆଇଶା[ର.ଅ]ଙ୍କ ଗୋଟିଏ ଘଟଣା ମଧ୍ୟ ଉଲ୍ଲେଖ ଯୋଗ୍ୟ ଅଟେ । ତାଙ୍କୁ ନରମ ଅଟାର ରୁଟି ପ୍ରାପ୍ତ ହେବାରୁ ତାଙ୍କ ଆଖିରୁ ଅଶ୍ରୁ ପ୍ରବାହିତ ହେବାରେ ଲାଗିଲା। କାରଣ ପଚାରିବାରୁ କହିଲେ ହଜରତ ମୁହମ୍ମଦ[ସ.ଅ]ଙ୍କ ସମୟରେ ଏଭଳି ନରମ ରୁଟି ପାଇଁଅଟା ମିଳୁନଥିଲା । ଆପଣଙ୍କୁ ମୋଟା ରୁଟି ଖାଇବାକୁ ପଡୁଥିଲା। ହଜରତ ମସିହ ମଉଦ[ଅ.ସ] ଙ୍କ ପ୍ରତି ଯେଉଁ ଅକପଟ ମାୟା ଏବଂ ମମତା ପ୍ରତ୍ୟେକ ଅନୁଚରମାନଙ୍କର ଥିଲା ଠିକ୍ ସେହିପରି ହଜରତ ମୁହମ୍ମଦ[ସ.ଅ]ଙ୍କ ପ୍ରତି ତାଙ୍କ ଅନୁଚରମାନଙ୍କୁ ହଜରତ ମୁହମ୍ମଦ[ସ.ଅ] କିପରି ଏହି ପରି ବସ୍ତୁ ପାଇ ଖୁସି ହୋଇ ପାରିଥାନ୍ତେ ବୋଲି ଭାବିବା ଏକ ଅଭୂତପୂର୍ବ ସାମଞ୍ଜସ୍ୟକୁ ଦର୍ଶାଇଥାଏ। ଅର୍ଥାତ୍ ଯାହା ହଜରତ ମୁହମ୍ମଦ[ସ.ଅ]ଙ୍କୁ ପ୍ରାପ୍ୟ ତାହା ତାଙ୍କ ଦାସଙ୍କୁ ମଧ୍ୟ ପ୍ରାପ୍ୟ ଅଟେ । ହଜରତ ମୁସଲେହ ମଉଦ[ର.ଅ]କୁହନ୍ତି; ମୁଁ ଛୋଟ ପିଲା ଥିଲି । ହଜରତ ମସିହ ମଉଦ[ଅ.ସ]ଙ୍କ ସମୟରେ ମୋର ଶିକାର କରିବାର ଇଚ୍ଛା ହେଲା । ଗୋଟିଏ ଏୟାରଗନ ବନ୍ଧୁକ ମୋ ପାଖରେ ଥିଲା। ହଜରତ ମସିହ ମଉଦ[ଅ.ସ]ଙ୍କୁ ଯେହେତୁ ମାନସିକ କାର୍ଯ୍ୟ ବହୁତ କରିବାକୁ ପଡୁଥିଲା, ଏବଂ ଆପଣ ଖାଦ୍ୟ ବହୁତ କମ ଖାଉଥିଲେ। ତାହା ଛଡା ସେତେବେଳର କବିରାଜ ଏବଂ ହକିମମାନଙ୍କ ଧାରଣା ଥିଲା ଯେ ଶିକାର ମାଂସ ମାନସିକ କାର୍ଯ୍ୟରେ ବ୍ୟସ୍ତ ଚିନ୍ତାଶୀଳ ବ୍ୟକ୍ତମାନଙ୍କ ପାଇଁ ଉତମ ଖୋରାକ ଅଟେ । ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ଏହାର ସେବନରେ ଭଲ ରହେ ଏଣୁ ଏଥି ପାଇଁ ମୁଁ ଆପଣଙ୍କ ପାଇଁ ଶିକାର ମାଂସ ପ୍ରାୟ ସବୁ ବେଳେ ନେଇ ଆସୁଥିଲି । ଏବଂ ଏହା ଦ୍ୱାରା ମୁଁ ଆପଣଙ୍କ ପରିଶ୍ରମକୁ ଲାଘବ କରିବା ଚେଷ୍ଟା କରୁଥିଲି । ମୁଁ ନିଜ ପାଇଁ ଶିକାର ମାଂସ ରାନ୍ଧିବାକୁ କହୁଥିଲି ଏବଂ ସେହି ମାଂସକୁ ସର୍ବଦା ହଜରତ ମସିହ ମଉଦ[ଅ.ସ]ଙ୍କ ବ୍ୟବହାର ପାଇଁ ଦେଇ ଦେଉଥିଲି । ଏଣୁ ପ୍ରେମିକର ପ୍ରେମ ନିଜ ହୃଦୟରେ ଯେତେବେଳେ ସ୍ୱୟଂ ସଂପୂର୍ଣ୍ଣ ରୂପେ ପ୍ରକଟ ହୁଏ ସେତେବେଳେ ପ୍ରେମିକକୁ କୌଣସି ବସ୍ତୁ ପ୍ରଦାନ କରି କେବଳ ନିଜକୁ ନିଜେ ସନ୍ତୁଷ୍ଟି ହୋଇ ନଥାଏ ବରଂ ସେ ଚିନ୍ତାକରେ ଯେ ପ୍ରେମିକକୁ ସନ୍ତୋଷ ପ୍ରଦାନ କରିବା ଯେ କେବଳ ତାର ଦାୟିତ୍ୱ ନୁହେଁ ବରଂ ପ୍ରେମିକର ତାହା ଏକ ଅଧିକାର ଅଟେ ।

ଜଣେ ହୁକ୍କା ଟାଣିବା ବ୍ୟକ୍ତି ଯିଏକି ହୁକ୍କାର ସଂପୂର୍ଣ୍ଣ କରାୟତରେ ଥିଲା । ତାହା ବିଷୟରେ ବର୍ଣ୍ଣନା କରିବାକୁ ଯାଇ ହୁଜୁର ଅନଓ୍ୱର[ଅ.ବ]କହିଲେ; ଯେ ଏହି ହୁକ୍କା ଟାଣିବା ନିଶାରେ ଜଣେ ନିଶାଶକ୍ତ ବ୍ୟକ୍ତିକୁ ପବିତ୍ର ସ୍ଥାନ କାଦିଆନ ତା ପାଇଁ ଏକ ଅଭିଶପ୍ତ ସ୍ଥାନରେ ପରିଣତ ହୋଇଗଲା । ଏବଂ ଏହି ସ୍ଥାନରୁ ସେ ଜୀବନ ବିକଳରେ ପଳାୟନ କରି ଥିଲା । ଏହି ନିଶା ପ୍ରଭାବ ଯୋଗୁଁ ଧର୍ମ ଶିକ୍ଷାରୁ ବଂଚିତ ହେଲା ,ହଜରତ ମସିହ ମଉଦ[ଅ.ସ]ଙ୍କ ସାନ୍ନିଧ୍ୟରୁ ବଂଚିତ ହେଲା। ଯେଉଁମାନେ ନିଶାଖୋର ବ୍ୟକ୍ତି ଅଟନ୍ତି ,ସେମାନଙ୍କ ସକାଶେ ଏହା ଏକ ଶିକ୍ଷା ତଥା ଚେତାବନୀ ଅଟେ ।

ବର୍ତମାନ ପୃଥିବୀ ଯେଉଁ ଧ୍ୱସଂ ଆଡକୁ ଗତି କରୁଛି ଏହା ବିଷୟରେ ମୁଁ ଆପଣମାନଙ୍କୁ ସଂକ୍ଷେପରେ କିଛି କହିବାକୁ ଯାଉଅଛି । ଯେଉଁ ପ୍ରବଳ ଗତିରେ ଏହା ଧ୍ୱସଂ ଆଡକୁ ଧାବନ କରୁଅଛି ସେଥିରୁ ନିବର୍ତାଇବା ପାଇଁ ଆଜି ପ୍ରତ୍ୟେକ ଅହମଦୀ ପ୍ରାର୍ଥନାରତ ହେବା ଉଚିତ୍ । ତଥାକଥିତ ମୁସଲିମ ଶାସକ ଯେଉଁମାନେ କି ଇରାକ ଏବଂ ସିରିଆର ବହୁ ଅଂଶ ନିଜ ଅଧିନରେ ରଖିଛନ୍ତି। ଏବଂ ଗତ କିଛି ଦିନ ତଳେ ପ୍ୟାରିସ ଠାରେ ଏକ ଅତ୍ୟନ୍ତ ବର୍ବରୋଚିତ ହତ୍ୟାକାଣ୍ଡ ଭିଆଇଥିଲା । ସେମାନଙ୍କ ପ୍ରତିଶୋଧ ନେବା ପାଇଁ ଫ୍ରାନ୍ସ ସରକାର ନିଜର ସମସ୍ତ ବଳ ଖଟାଇ ଏହି ଇରାକ ଏବଂ ସିରିଆ ଅଂଚଳରେ ପ୍ରବଳ ବୋମା ମାଡ ଆରମ୍ଭ କରିଦେଇଛନ୍ତି । ଏହା ଦ୍ୱାରା ନିର୍ଦ୍ଦୋଷ ଲୋକେ ଯେଉଁମାନେ କୌଣସି ଯୁଦ୍ଧ ଓ ରକ୍ତପାତ ଚାହଁନ୍ତି ନାହିଁ । ସେମାନଙ୍କ ଉପରେ ଏହା ଏକ ଆକ୍ରମଣ ସ୍ୱରୂପ ଅଟେ । ଅଲ୍ଲାଃଏହି ନିର୍ଦ୍ଦୋଷ ଜନସାଧାରଣଙ୍କୁ ସୁରକ୍ଷିତ ରଖନ୍ତୁ। ସେଠାର ଜନ ସାଧାରଣ ଯେଉଁମାନେ ସିରିଆଠାରେ ଅଛନ୍ତି ସେମାନେ

*ଅବଶିଷ୍ଟାଂଶପୃଷ୍ଠା-୨ରେ* • • • • • •

Printed & Published by: Jameel Ahmed Nasir on behalf of Nigran Board of Badar, at Fazle-Umar Printing Press Qadian, Harchowal Road, Qadian
Distt: Gurdaspur-143516, Punjab, India. And published at office of the Weekly Badar Moh-Ahmadiyya, Harchowal Road P.o:Qadian Distt:Gsp-143516, Punjab.India.Editor:Qamrul Haque Khan